



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ବାଲେଶ୍ୱର ■ ବୁଧବାର ୨୧ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 FEBRUARY 2024

Vol No. 35 ■ No.50 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

website : www.dhwanipratidhwani.net

email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା




# ଆନ୍ତର୍ଜାତୀୟ ଗୁଣବତ୍ତା ସମ୍ମିଳନୀରେ ସ୍ୱର୍ଣ୍ଣ ପଦକ ବିଜେତା ରାଉରକେଲା ଇସ୍ପାତ କାରଖାନାରେ ସମ୍ବର୍ଦ୍ଧିତ




ରାଉରକେଲା , ୨୦/୨ (ନି.ପ୍ର): ରାଉରକେଲା ଓ ବୋକରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଅକ୍ସିଜେନ୍ ପ୍ଲାଣ୍ଟର ଉଦୟ କ୍ୱାଲିଟି ସର୍କଲ୍ ଦଳର ସଦସ୍ୟମାନଙ୍କୁ ଫେବୃଆରୀ ୧୭ ତାରିଖ ଦିନ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ଚୀନ୍ ?ର ବେଜିଂ ଠାରେ ଆୟୋଜିତ କ୍ୱାଲିଟି କଣ୍ଟ୍ରୋଲ୍ ସର୍କଲ୍ ୨୦୨୩ ର ୪୮ତମ ଆନ୍ତର୍ଜାତୀୟ ସମ୍ମିଳନୀରେ ଉକ୍ତ କ୍ୱାଲିଟି ସର୍କଲ ଦଳ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି ।

ଅକ୍ସିଜେନ ପ୍ଲାଣ୍ଟ ର ଜି ଏମ ଶ୍ରୀ ଉଲ୍ଲାସ କୁମାର ଭୁଜବଳ ଙ୍କ ନେତୃତ୍ୱରେ ଗଠିତ ଦଳ ର ସଦସ୍ୟ ମାନେ ହେଉଛନ୍ତି ଜୁନିଅର ଅଫିସର ଶ୍ରୀ ଗୋପାଳ ଚନ୍ଦ୍ର ବଡଭୂୟାଁ, ଏମ ଓ ଏମ ଟି ଶ୍ରୀ ଲକ୍ଷ୍ମୀଧର ବରାଳ, ଏମ ଓ ଏମ ଟି ଶ୍ରୀ ରବି ନାରାୟଣ ନାୟକ, ଏବଂ ଏ ସି ଟି ଶ୍ରୀ ନିରଂଜନ ରାଉତ ଏବଂ ଫେସିଲିଟେଟର, ଜୁନିଅର ଅଫିସର ଶ୍ରୀ ଏସ କେ ପଟେଲ । ଏହି ଦଳର ପ୍ରକଳ୍ପ " ଏ ଏସ ୟୁ ୩ ର ମେନ୍ ଏୟାର କମ୍ପ୍ରେସରରେ ହାଇ ଲ୍ୟୁବ୍ ତେଲ ତାପମାତ୍ରା" ସ୍ୱର୍ଣ ପଦକ ଜିତିବାରେ ସାହାଯ୍ୟ କରିଥିଲା। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା 'ଅଭିନବତା ଏବଂ ମହତ୍ତ୍ୱ, ଗୁଣବତ୍ତାର ସୁନ୍ଦରତାକୁ ଆଲୋକିତ କରିବା'।

ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ସିଜିଏମ ଆଇରନ ଶ୍ରୀ ବି ଆର ପଲାଇ ଏବଂ ବହୁ ଅନ୍ୟ ସିଜିଏମ୍ ତଥା ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ମୋବାଇଲ ଚୋର କୋର୍ଟ ଚାଲାଣ

କୋରେଇ, ୨୦/୨ (ନି.ପ୍ର): ପାଣିକୋଇଲି ପୁଲିସ ଏକ ଦୋକାନରୁ ମୋବାଇଲ ଚୋରୀ କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁଚନାନୁସାରେ ପାଣିକୋଇଲି ବଜାରର ଦୁର୍ଗା ମାର୍କେଟସ୍ଥିତ ରାଧାରମଣ କମ୍ୟୁନିକେସନରୁ ଜଣେ ଯୁବକ ଦୁଇଟି ରିଅଲମି କମ୍ପାନୀର ସ୍ମାର୍ଟ ଫୋନକୁ ଚୋରାଇ ନେଇଥିଲା। ଏ ନେଇ ପ୍ରଶାନ୍ତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅନ୍ତର୍ଗତ ଚାଇଁପୁର ଗ୍ରାମର ଶେଖ ଅବଦୁଲ ବରକଦଙ୍କ ପୁଅ ଶେଖ ଫରିଦ ଚୋରୀ କରିଥିବାର ଜାଣିବାକୁ ପାଇଥିଲେ। ପରେ ଅଭିଯୁକ୍ତକୁ ଗିରଫ କରିବା ପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଗତ ୧୭ ତାରିଖ ଦିନ ଚାନ୍ଦପୁର ଗ୍ରାମର ପୂର୍ଣ୍ଣାନନ୍ଦ ପରିଡ଼ାଙ୍କ ପୁଅ ଶିବ ପ୍ରସାଦ ପରିଡ଼ାଙ୍କ ଏକ ଭିଭୋ ମଡ଼େଲର ସ୍ମାର୍ଟ ଫୋନକୁ ଶିବଙ୍କ ସାର୍ଟ ପକେଟରୁ ଏହି ଥାନା ଓଡପଦା ଗ୍ରାମର ଗତିକୃଷ୍ଣ ମହାନ୍ତିଙ୍କ ପୁଅ ରାକେଶ ମହାନ୍ତି ଝାମ୍ପି ନେଇ ଦୌଡ଼ି ପଳାଇ ଯାଇଥିଲା। ଏ ନେଇ ଶିବ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ରାଶେକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଶ୍ରୀମନ୍ଦିର ଚାରିଦ୍ୱାରରେ ଭକ୍ତ ପ୍ରବେଶ ପ୍ରସ୍ଥାନ କରନ୍ତୁ ନହେଲେ ଆପ୍ ଆନ୍ଦୋଳନକୁ ଓହ୍ଲାଇବ

ପୁରୀ, ୨୦/୨ (ନି.ପ୍ର): ଆପ୍ ୟୁଥ୍ ଟିମ୍ ତରଫରୁ ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ଅତିରିକ୍ତ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ନାୟକ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଭକ୍ତ ଏବଂ ପୁରୀ ବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଦିଆଯାଇଛି । ଶ୍ରୀମନ୍ଦିର ୪ ଦ୍ୱାର ଦେଇ ଭକ୍ତଙ୍କୁ ଦର୍ଶନ ସୁଯୋଗ ଦେବା ମୁଖ୍ୟ ଦାବି ରହିଛି। କାରଣ କରୋନା ପୂର୍ବରୁ ସୁରୁଖୁରୁରେ ୪ ଦ୍ୱାରା ଦେଇ ଭକ୍ତ ଦର୍ଶନ କରୁଥିଲେ, କିନ୍ତୁ ଯେଭଳି ଭାବେ ୨୦୨୦ ରୁ ଗୋଟିଏ ଦ୍ୱାର ଦେଇ ଦର୍ଶନ ପାଇଁ ଛଡା ଯାଉଛି ସେଥିରେ ପ୍ରବଳ ଭିଡ଼ ଜମୁଛି । ମାତ୍ର ୫୦ ମିଟର ଏସି ଅସ୍ଥାୟୀ ସେଡ୍ କରିକି ସମସ୍ୟାର ସମାଧାନ ଭାବିବା ପ୍ରଶାସନର ମୂର୍ଖାମି ଅଟେ ବୋଲି ଯୁବ ସଭାପତି ଅଂଶୁମାନ ଶତପଥୀ କହିଛନ୍ତି । ପ୍ରଶାସନ ପୂର୍ବରୁ ଦେଇଥିବା ପ୍ରତିଶୃତି ହିସାବରେ ପରିକ୍ରମା ପ୍ରକଳ୍ପ ପରେ ଚାରିଦ୍ୱାର ଖୋଲି ନିଜର ପ୍ରତିଶୃତି ରକ୍ଷା କରିବା ଉଚିତ୍ ବୋଲି ଶ୍ରୀ ଶତପଥୀ କହିଛନ୍ତି । ଯାହାଦ୍ୱାରା ଅସମ୍ଭାଳ ଭିଡରୁ ଭକ୍ତଙ୍କୁ ମୁକ୍ତି ମିଳିବ । ତା ସହ ଆଗକୁ ଖରା ଦିନ ଆସୁଥିବାରୁ ଚାରିଦ୍ୱାରରେ ଭକ୍ତଙ୍କ ପାଇଁ ଏ.ସି. ସେଡ୍ ଦ୍ୱାର ମୁହଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିର୍ମାଣ ପାଇଁ ଦାବି ରଖିଚି ଆପ୍। ସମସ୍ତେ ଜାଣିଛନ୍ତି ପୁରୀ ବାସୀ ବିଭିନ୍ନ ପୂଜା ପର୍ବାଣୀରେ ଏମିତିକି ପୂର୍ଣ୍ଣମୀ, ସଂକ୍ରାନ୍ତିରେ ମହାପ୍ରସାଦ ସେବନ କରନ୍ତି ତେଣୁ ମହାପ୍ରସାଦ ଆନନ୍ଦ ବଜାରରୁ କିଣିବା ପାଇଁ ସ୍ୱତନ୍ତ୍ର ଉତର ଦ୍ୱାର ଦେଇ ପ୍ରବେଶ ଅନୁମତି ମିଳୁ ବୋଲି ଦାବି ରଖିଛି ଆପ୍ ଏବଂ ବଡ଼ଦାଣ୍ଡରେ ପୁରୀ ବାସୀଙ୍କ ଯାତାୟାତ ପାଇଁ ଯେଉଁ ବାରମ୍ବାର ପ୍ରତିବନ୍ଧକ ରଖାଯାଉଛି ତାକୁ ହଟା ଯାଉ ବୋଲି କହିଛନ୍ତି ଯୁବ ସଭାପତି ଶ୍ରୀ ଶତପଥୀ । ଏ ସମସ୍ତ ଦାବିରୁ ପ୍ରଥମ ଦାବି ଚାରି ଦ୍ୱାର ଖୋଲିବା ପାଇଁ ତାହା ଯଦି ଆସନ୍ତା ପାଂଚ ଦିନ ଭିତରେ ପୂରଣ ନହୁଏ ତେବେ ଆପ୍ ର ୟୁଥ୍ ଟିମ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦାବିପତ୍ର ମାଧ୍ୟମରେ ପ୍ରଶାସନକୁ ଜଣେଇବା ସହ ଆଗକୁ ଏହି ଆନ୍ଦୋଳନକୁ ପୁରିବାସୀଙ୍କ ସମର୍ଥନ ମାଗିଛନ୍ତି ଯୁବ ସଭାପତି ଅଂଶୁମାନ ଶତପଥୀ। ଆଜିର କାର୍ଯ୍ୟକ୍ରମରେ ଯୁବ ସଭାପତି ଅଂଶୁମାନ ଶତପଥୀ , ଯୁବ ଉପସଭାପତି ସୁଧାଂଶୁ ଶେଖର ନାୟକ, ସୁନିଲ ଜେନା, ଜନ୍ମଜୟ ଜେନା , ସୂର୍ଯ୍ୟକାନ୍ତ ମିଶ୍ର ଆଦି ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ ।

## ବୋର୍ଡ଼ାଠାରେ ମିଲକି କପ୍ ୨୦୨୪ ଅଲ ଇଣ୍ଡିଆ ଭଲିବଲ ଟୁର୍ନାମେଂଟ ଉଦ୍‌ଯାପିତ

ଭବାନୀପାଟଣା, ୨୦/୨ (ନି.ପ୍ର): ଗତକାଲି ରାତ୍ରିକାଳୀନ ଅଲ ଇଣ୍ଡିଆଭଲିବଲ ଟୁର୍ନାମେଣ୍ଟ ଉଦଘାଟନ ଓ ଉଦଯାପନ ହୋଇଯାଇଛି। ଏହି ଟୁର୍ନାମେଂଟରେ ୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁଜିତ କୁମାର, ସାଂସଦ ରାଜ୍ୟସଭା, ସମ୍ମାନିତ ଅତିଥି ଭାବରେ ଦୁଷ୍ମନ୍ତ ନାଏକ, ପୂର୍ବତନ ବିଧାୟକ ଭବାନୀପାଟଣା, ବିବେକ ନାଗ ସରପଂଚ ବୋରଭଟା ଏବଂ ଉଦଘାଟନ କାର୍ଯ୍ୟକ୍ରମରେ ସାଗର ଚରଣ ଦାସ ଉପସ୍ଥିତ ରହିଥିଲେ ଏବଂ ଅନୁଷ୍ଠାନ ତରଫରୁ ଅବନୀ ଭୋଇ, ବୁଲୁ ଭୋଇ, ଅଶ୍ୱିନୀ ପ୍ରଧାନ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଏହି ଟୁର୍ନାମେଂଟର ସେମି ଫାଇନାଲରେ ରାଉରକେଲା ସହ ରାଇଘର ଏବଂ ବୌଦ୍ଧ ସହ ରାଇପୁର ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିବା ବେଳେ ଫାଇନାଲକୁ ରାଇପୁର ସହ ରାଇଘର କଡା ଟକ୍କର ଦେଖିବାକୁ ମିଳିଥିଲା। ରାଇପୁର ଦଳ ଟ୍ରଫି ଜିତିଥିଲେ।

## ସତ୍ୟ ଅଧିକାରୀ ଛକର ବିକାଶ ନେଇ ପ୍ରଶାସନର ଦ୍ୱାରସ୍ଥ

ଜୟପୁର, ୨୦/୨ (ନି.ପ୍ର): ଜୟପୁର ପୌରାଂଚଳର ପାରାବେଢାରେ ଥିବା ସତ୍ୟ ଅଧିକାରୀ ଛକର ବିକାଶ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ସାହି ବାସିନ୍ଦା । ଏନେଇ ଆଜି ଜୟପୁର ପୌରପାଳିକାକୁ ଯାଇ କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବି କରିଛନ୍ତି । ଉକ୍ତ ଛକଟି ଜନ ଗହଳିରେ ରହୁଥିବା ବେଳେ ସହରର ସମସ୍ତ ଅଂଚଳ ବିକାଶ କରାଯାଉଛି । ତେଣୁ ପୌରପାଳିକା ତୁରନ୍ତ ସତ୍ୟ ଅଧିକାରି ଛକର ବିକାଶ କରିବା ପାଇଁ ଦେବେନ୍ଦ୍ର ବାହିନିପତି, ସହଦେବ ପଟ୍ଟନାୟକ, ବିଭୁତି ଭୁଷଣ ମହାପାତ୍ର, ରାଜେନ୍ଦ୍ର ସାହୁ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଦାବି କରିଥିଲେ ।

## ଫଗୋଲ ଜହ୍ନିମୂଳ ସ୍କୁଲରେ କ୍ରୀଡ଼ା ଉତ୍ସବ

କେନ୍ଦ୍ରାପଡ଼ା, ୨୦/୨ (ନି.ପ୍ର): ଜିଲ୍ଲାର ଡ଼େରାବିଶ ବ୍ଲକ୍ ଅନ୍ତର୍ଗତ ଫଗୋଲ ଜହ୍ନିମୂଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଦେବଦ ଶତପଥୀ, ଖଗେଶ୍ୱର ନାୟକ, ସଚ୍ଚିଦାନନ୍ଦ ମିଶ୍ର, ଅନାଦି ଚରଣ ଓଝା, ଅଜୟ କୁମାର ମଲ୍ଲ, ଭାରତ ଭୁଷଣ ବରାଳ ପ୍ରମୁଖ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ସୁଧାଂଶୁ ଭୁଷଣ ବରାଳ ଏଥିରେ ପୌରହିତ୍ୟ କରିଥିଲେ । ଶିକ୍ଷୟତ୍ରୀ ସସ୍ମିତା ସାମଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆଂଚଳିକ ସାଧନ ସଂଯୋଜକ ପ୍ରମୋଦ କୁମାର ମଲ୍ଲ ,ବିଶ୍ୱଜିତ ମୁଦୁଲି,ଆରତୀ ରାଉତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ । ବିଭିନ୍ନ କ୍ରୀଡ଼ା ନୈପନ୍ୟ ସହିତ ନାଚ,ଗୀତ ଆଦି ପ୍ରତିଭାର ମୂଲ୍ୟାୟନ କରାଯାଇ କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା । ଶେଷରେ ପ୍ରଫୁଲ ଚନ୍ଦ୍ର ମାହାଳୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ହରିହାଟ ମେଳା କମିଟିର ସଦସ୍ୟଙ୍କ ପରଲୋକ

କୋରେଇ, ୨୦/୨ (ନି.ପ୍ର): କରଦା ହରିହାଟ ମେଳା ଓ ଯାତ୍ରା କମିଟିର ବରିଷ୍ଠ ସଦସ୍ୟ କରଦା ପଂଚାୟତ ଅନ୍ତର୍ଗତ ମଙ୍ଗଲପାଟଣା ଗ୍ରାମର କାର୍ତିକ ଚନ୍ଦ୍ର ପୃଷ୍ଟି (୭୨) ଙ୍କର ରବିବାର ରାତି ଗୋଟାଏ ସମୟରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପୃଷ୍ଟି ଜଣେ ସଫଳ ବ୍ୟବସାୟୀ ସହିତ ମେଳାପୀ ତଥା ଆଧ୍ୟାତ୍ମିକ ବାଦୀ ଚିନ୍ତାଧାରାର ମଣିଷ ଥିଲେ। ସେ ମେଳା କମିଟି ଓ ଯାତ୍ରା କମିଟି ସହିତ ଦୀର୍ଘବର୍ଷ ଧରି ଜଡ଼ିତ ରହିବା ସହିତ ସ୍ଥାନୀୟ ଅଂଚଳର ବିଭିନ୍ନ ସାମାଜିକ ଓ ସାସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ସେ ଦିର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ ହୋଇ ରବିବାର ରାତିରେ ଇହଲିଳା ସମ୍ବରଣ କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ମେଳା ଓ ମହୋତ୍ସବ କମିଟି ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ସଠିପୁର ବଜାର ପରିକ୍ରମା କରାଇବା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ସୁବର୍ଣ୍ଣପୁର ଜିଲ୍ଲାରେ ଗଡିଲା ଲକ୍ଷ୍ମୀ ବସ : ମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ ଟିକେଟ କାଟି ଯାତ୍ରା କଲେ

ସୋନପୁର, ୨୦/୨ (ନି.ପ୍ର): ସମସ୍ତ ଜିଲ୍ଲାର ଗ୍ରାମାଚଂଳରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ସାରା ରାଜ୍ୟରେ ଲକ୍ଷ୍ମୀବସ ସେବା ଯୋଜନା ଶୁଭାରମ୍ଭ କରି ଆସୁଥିବା ବେଳେ ଆଜି ସୁବର୍ଣ୍ଣପୁର ଜିଲ୍ଲାରେ ମହା ଆଡମ୍ବରରେ ଏହି ଲକ୍ଷ୍ମୀ ବସ ଚଳାଚଳର ଶୁଭାରମ୍ଭ ହୋଇଛି । ଏଥିପାଇଁ ସୋନପୁର ବି ଡି ଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ସହଯୋଗରେ ଜିଲ୍ଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଉଦ୍ଘାଟନୀ କର୍ଯ୍ୟକ୍ରମକୁ ଆରଟିଓ ଅକ୍ଷୟ କୁମାର ଜେନା ସମସ୍ତ ଦାୟିତ୍ୱ ପରିଚାଳନା କରିଥିଲେ। ଦିନ୧୧ଟା ୪୫ ମିନିଟ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ସୁପାର ଠେଲା, ଜିଲ୍ଲାପାଳ ଅନନ୍ୟା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏବଂ ଖୋଦ୍ ମନ୍ତ୍ରୀ, ବିଧାୟକ ଓ ଜିଲ୍ଲାପାଳ ଯାତ୍ରୀ ମାନଙ୍କ ସହିତ ବସ୍ କଣ୍ଡକ୍ଟର ଠାରୁ ଟିକଟ କାଟି ସୋନପୁର ବ୍ଲକ ଅଂଚଳକୁ ଯାତ୍ରା କରିଥିଲେ। ଜିଲ୍ଲାର ୬ ଗୋଟି ବ୍ଲକରେ ଏହି ଲକ୍ଷ୍ମୀ ବସ ଯାତ୍ରା ଏବେ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଆଜି ୧୩ ଗୋଟି ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ ହୋଇଛି। ଏଥିପାଇଁ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ସମେତ ସୋନପୁର ବ୍ଲକ କାର୍ଯ୍ୟାଳୟ ଏବଂ ସୋନପୁର ଗାନ୍ଧୀ ଷ୍ଟାଡିୟମ୍ ଚଳଚଂଚଳ ଓ ପ୍ରବଳ ଭିଡ ଲାଗିଥିଲା। ନୂତନ ଡ୍ରାଇଭର, କଣ୍ଡକ୍ଟର ମାନଙ୍କୁ ପୋଷାକ, ଟିକଟ ମେସିନ ମଧ୍ୟ ପ୍ରଦାନ କରାଯାଇଥଲା। ଆଜି ଏହି ବସ ଚଳାଚଳ ପରେ ସୁବର୍ଣ୍ଣପୁର ଜିଲ୍ଲାର ବହୁ ଅପହଂଚ ଅଂଚଳରେ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ସହଜରେ ଉପଲବ୍ଧ କରିବା ସହ ଛାତ୍ରଛାତ୍ରୀ, ମହିଳା ଓ ଦିନମଜୁରିଆ ସମେତ ସାଧାରଣ ଜନତା ବ୍ଲକ ଓ ଜିଲ୍ଲା ମୁଖ୍ୟାଳୟକୁ ଯିବାଆସିବା ସହଜ ଓ ସୁବିଧା ହୋଇଛି।

ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରଟିଓ ଅକ୍ଷୟ ଜେନା ଓ ସମସ୍ତ ବ୍ଲକ୍ ବିଡ଼ିଓ ଏହାକୁ ତଦାରଖ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି, ପ୍ରଶାସନ ଅଧିକାରୀ, ସମସ୍ତ ବ୍ଲକ୍ ବିଡ଼ିଓ, ମିଶନଶକ୍ତି ମହିଳା ଏବଂ ବୁଦ୍ଧିଜୀବି ସାମିଲ ହୋଇଥିଲେ। ସୋନପୁରରେ ବସ୍ ଗଡିଲା ବେଳେ ଆଜି ଗ୍ରାମାଚଂଳର ମହିଳା ଯାତ୍ରୀ ମାନଙ୍କ ଖୁବ୍ ଉତ୍କଣ୍ଠା ଦେଖିବାକୁ ମିଳିଥିଲା।

## ରକ୍ତଦାନ ଶିବିର ଓ ଲଉଡ଼ି ଖେଳ ଆୟୋଜିତ

କୋରେଇ, ୨୦/୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ଗଣପର୍ବ ହରିହାଟ ମେଳା ଓ ମହୋତ୍ସବର ଦ୍ୱିତୀୟ ଦିବସରେ ରକ୍ତଦାନ ଶିବିର ସହିତ ଲଉଡ଼ି ଖେଳ ମାଧ୍ୟମରେ ସଚେତନତା ଶିବିରର ଆୟୋଜିତ ହୋଇଯାଇଛି। ମହୋତ୍ସବ କମିଟିର ସଦସ୍ୟ ତୁଷାରକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ତଥା ଓଡ଼ିଶା ରକ୍ତଭଣ୍ଡାର ଯାଜପୁର ଜିଲ୍ଲାର ସହଯୋଗରେ ଆୟୋଜିତ ଉକ୍ତ କ୍ୟାମ୍ପରେ ୨୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କ୍ୟାମ୍ପକୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକତ୍ସାଳୟର ନିଶ୍ଚେତକ ବିଭାଗର ଡ଼ାକ୍ତର ସତ୍ୟଜିତ ସାହୁ ଉଦ୍‌ଘାଟନ କରିଥିବା ବେଳେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ବିଶ୍ୱନାଥ ପଣ୍ଡା,ସଦସ୍ୟ ସୁଧାଶଙ୍କର ବିଶ୍ୱାଳ, ଦୁର୍ଗା ପ୍ରସାଦ ପଣ୍ଡା, ଅନୁପ କୁମାର ସାହୁ, ଚିନ୍ତାମଣୀ ସାହୁ, କାର୍ତିକ ସ୍ୱାଇଁ ଓ ରକ୍ତଭଣ୍ଡାରର କର୍ମଚାରୀ ଶିବ ସାହୁ,ଦେବବ୍ରତ ବେହେରା, ଅଜୟ କୁମାର ଜେନା, ନବୀନ ଚନ୍ଦ୍ର ସେଠୀ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ପରିଚଳନାରେ ସହଯୋଗ କରିଥିଲେ। ପରେ ରକ୍ତଦାନ ପରି ଏକ ମହାନ କାର୍ଯ୍ୟକ୍ରମରେ କମିଟିର ସହଯୋଗ ଲାଗି ରକ୍ତ ଭଣ୍ଡାର ତରଫରୁ ମହୋତ୍ସବ କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନାକୁ କୋରାଇ ବ୍ଲକ ଶଙ୍ଖଚିଲାସ୍ଥିତ ମା ହିଙ୍ଗୁଳା ଲଉଡ଼ି ଖେଳ ଅନୁଷ୍ଠାନ ତରଫରୁ ମେଳା କମିଟିର କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଲଉଡ଼ି ଖେଳ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଗୁଡ଼ିକୁ ପ୍ରଦର୍ଶିତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମେଳା ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୨୦/୨ (ନି.ପ୍ର): ବାଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନ ଶୁଣାଣି ଶିବିରରେ ମୋଟ ୧୮୭ଟି ଅଭିଯୋଗ ଦରଖାସ୍ତ ଆବେଦନ ହୋଇଥିଲା ।ସେଥିମଧ୍ୟରୁ ୨ଟି ଅଭିଯୋଗର ଫଇସଲା କରିଥିଲେ। ୧୮୭ଟି ଅଭିଯୋଗ ମଧ୍ୟରୁ ୧୭୮ ଟି ବ୍ୟକ୍ତିଗତ ଏବଂ ୬ ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିବା ଜଣାପଡିଛି ।ଅନ୍ୟ ଅଭିଯୋଗଗୁଡ଼ିକ ସମ୍ପୃକ୍ତ ବିଭାଗକୁ ପଠାଇ ଦିଆଯାଇଛି ।ସେହିପରି ଜଣେ ହିତାଧିକାରୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା ।ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡଃ ବାଦଲ ମହାନ୍ତି, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠି, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଡ଼ିଓ ଶୀତଲ ଅଗ୍ରୱାଲ, ତହସିଲଦାର ଟି ପଦ୍ମନାଭ ଦୋରା, ଜିଲ୍ଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା, ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଓ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ୨୦୨୪

ସମ୍ବଲପୁର, ୨୦/୨ (ନି.ପ୍ର): ଭାରତୀୟ ସଂସ୍କୃତି ତଥା ବିଶ୍ୱର ଅନ୍ୟ ସଂସ୍କୃତିରେ ତୀର୍ଥଯାତ୍ରାର ବିଶେଷ ମହତ୍ତ୍ୱ ରହିଛି। ତୀର୍ଥଯାତ୍ରାକୁ ଏକ ଆଧ୍ୟାତ୍ମିକ ଏବଂ ଦିବ୍ୟ ଅନୁଭୂତି ଭାବରେ ବିବେଚନା କରାଯାଏ ଏବଂ ପୁରସ୍କାରର କାର୍ଯ୍ୟ ମଧ୍ୟ ଭାବରେ ବିବେଚନା କରାଯାଏ । ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତିର ବିବିଧତାକୁ ଏକାଠି ଓ ଅକ୍ଷୁଣ୍ଣ ରଖିବାରେ ତୀର୍ଥଯାତ୍ରା ବା ତୀର୍ଥଯାତ୍ରାର ପରମ୍ପରା ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ତଦନୁଯାୟୀ ଓଡ଼ିଶା ସରକାରଙ୍କ ''ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା'' ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ରାଜ୍ୟର ସହଯୋଗରେ ଗୋଟିଏ ତୀର୍ଥ ଦର୍ଶନ (ତୀର୍ଥଯାତ୍ରା) କରିବାର ଜୀବନବ୍ୟାପୀ ସ୍ୱପ୍ନ ପୂରଣ କରିବା ଏବଂ ସେମାନଙ୍କ ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିଛି । ଏହାକୁ ଦୃଷ୍ଟିରେ ରଖି ଆଜି ସମ୍ବଲପୁର ଜଙ୍କସନ ରେଳ ଷ୍ଟେସନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବାପରେ ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସକାଳ ସାଢ଼େ ୧୧ଟାରେ ୮ଟି ଜିଲ୍ଲାରୁ ୯୭୦ ଜଣ ତୀର୍ଥଯାତ୍ରୀ ୩୦ ଜଣ ଏସ୍କର୍ଟ ଅଫିସରଙ୍କ ସହ ଆଜମେର-ପୁଷ୍କର ଅଭିମୁଖେ ଯାତ୍ରା କରିଥିଲେ। ଏହି ୮ଟି ଜିଲ୍ଲା ହେଲା ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଦେବଗଡ଼ ଓ ଅନୁଗୁଳ। ସମ୍ବଲପୁରରୁ ୧୧୨, ବରଗଡ଼ରୁ ୧୫୯, ଦେବଗଡ଼ରୁ ୩୩, ଝାରସୁଗୁଡ଼ାରୁ ୬୨, ସୁନ୍ଦରଗଡ଼ରୁ ୨୨୫, ବଲାଙ୍ଗୀରରୁ ୧୭୭, ସୁବର୍ଣ୍ଣପୁରରୁ ୬୫ ଓ ଅନୁଗୁଳରୁ ୧୩୭ ଜଣ ତୀର୍ଥଯାତ୍ରୀ ଏହି ତୀର୍ଥଯାତ୍ରାପାଇଁ ଯାଉଛନ୍ତି। ବରିଷ୍ଠ ନାଗରିକଙ୍କ ଯାତ୍ରା ଖର୍ଚ୍ଚ, ରହିବା, ଖାଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଭଳି ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି ସରକାର । ତୀର୍ଥଯାତ୍ରୀମାନଙ୍କୁ ଟ୍ରାଭେଲ କିଟ୍ ବ୍ୟାଗ ମଧ୍ୟ ଯୋଗାଇ ଦିଆଯାଇଥିଲା ଯେଉଁଠାରେ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ରହିଛି। ଆନନ୍ଦମୟ ହୃଦୟରେ ତୀର୍ଥଯାତ୍ରୀମାନେ ବିଦାୟ ନେଇଥିଲେ। ସୂଚନା ଯେ ତୀର୍ଥଯାତ୍ରୀ ମାନେ ଆସନ୍ତା ୨୪ ଫେବୃଆରୀରେ ଆଜମୀର -ପୁଷ୍କରରୁ ଫେରିବାର କାର୍ଯ୍ୟକ୍ରମ ରହିଛି ।

## ଓସ୍ତପୁର ପ୍ୟାକ୍ସରେ ଚାଷୀଙ୍କ ଧାନ ବିକ୍ରି ଓ ଆଲୋଚନା

କେନ୍ଦ୍ରାପଡ଼ା, ୨୦/୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର କୃଷି ସମବାୟ ସମିତିରେ ୯୯୮ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଥିବାବେଳେ ୪୭୧ ଜଣ ଚାଷୀ ୧୭ ହଜାର ୫୦୦ କ୍ୱିଂଟାଲ ଧାନ ବିକ୍ରୟ କରି ସାରିଛନ୍ତି। କୃଷି ସମବାୟ ସମିତିକୁ ୨୧ ହଜାର ୬୫୯ କ୍ୱିଂଟାଲ ଧାନ କ୍ରୟ କରିବା ପାଇଁ ଧାର୍ଯ୍ୟ ଦିଆଯାଇ ଥିବାବେଳେ ଅବଶିଷ୍ଟ ଧାନ ବିକ୍ରୟ ପାଇଁ ୧୨୦ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯଅଇଛି। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ସମିତିରେ ଚାଷୀମାନେ ସୁରୁଖୁରୁରେ ଧାନ ବିକ୍ରୟ କରୁଥିବା ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମିତିର ସଂପାଦକ ପ୍ରେମାଞ୍ଜନ ସାହୁ ଓ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ କର୍ମକର୍ତାମାନେ ଉପସ୍ଥିତ ଥିଲେ ।

## ଢ଼ିକି ଭାଙ୍ଗି ଅଳଙ୍କାର ଲୁଟ ଘଟଣାରେ ଦୁଇ ଅଭିଯୁକ୍ତ ଅଦାଲତ ଚାଲାଣ

କୋରେଇ, ୨୦/୨ (ନି.ପ୍ର): ପାଣିକୋଇଲି ପୁଲିସ ଅଳଙ୍କାର ସଫା କରିବାକୁ ଆସିଥିବା ଜଣେ କାରିଗରୀଙ୍କ ବାଇକ ଢ଼ିକି ଭାଙ୍ଗି ଅଳଙ୍କାର ଲୁଟ ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶଯେ କୁଆଖିଆ ଥାନା ଅନ୍ତର୍ଗତ ସୁଆଁସାହି ଗ୍ରାମର କାଳନ୍ଦୀ ସାହୁଙ୍କ ପୁଅ ଶତୃଘ୍ନ ଜଣେ ଅଳଙ୍କାର ସଫା କରିବା କାରିଗର ଅଟନ୍ତି। ସେ ପ୍ରତିଦିନ ବାଇକରେ ବୁଲି ବୁଲି ଗାଁରେ ସୁନା ରୁପା ଅଳଙ୍କାର ଆଦିକୁ ସଫା କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ଶନିବାର ଦିନ ସେ ଏହି ଥାନା ଅନ୍ତର୍ଗତ ଅଳତିରି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରର ଗେଟ ବାହାରେ ବାଇକ ରଖି ଘରୁ ଅଳଙ୍କାର ସଫା କରିବା ଲାଗି ଯାଇଥିବା ବେଳେ କେହି ଦୁର୍ବୃତ ତାଙ୍କର ବାଇକରୁ ଢ଼ିକି ଭାଙ୍ଗି ରୁପା ଅଳଙ୍କାର ଗୁଡ଼ିକୁ ଲୁଟି ନେଇଥିଲେ। ଅଳଙ୍କାର ସଫା କରି ଶତୃଘ୍ନ ଗେଟ ବାହାରକୁ ଆସି ବାଇକର ଢ଼ିକି ଭଙ୍ଗା ଯାଇଥିବା ବେଳେ ସେଥିରେ ଅଳଙ୍କାର ଗୁଡ଼ିକ ନଥିବା ନେଇ ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଥାନାରେ ଏକ ମାମଲା ରଜୁ କରିବା ସହିତ ସେହି ରାସ୍ତାରେ ଥିବା ଏକ କେବୁଲ କାର୍ଯ୍ୟାଳୟରେ ଲଗାଯାଇଥିବା ସିସିଟିଭି ଫୁଟେଜର ଆଧାରରେ ତଦନ୍ତକରି ଦୁଇ ଅଭିଯୁକ୍ତ ଗଂଜାମ ଜିଲ୍ଲା ଭଂଜନଗର ଥାନା ଅନ୍ତର୍ଗତ ନଟୋଟା ସାହିର ପେଡ଼ା ୟେଲୁଙ୍କ ପୁଅ ଡ଼ି ମାଧବ ରାଓ ଓ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମର ସାହାଗଲ ରାଜୁଙ୍କ ପୁଅ ସାହାଗଲ ଗିରିଜେନକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସବଇନ୍ସପେକ୍ଟର ବିଶ୍ୱରଂଜନ ଦାସଙ୍କ ସୂତ୍ରରୁ ପ୍ରକାଶ ।


## ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ : କୋଦଗାଡ଼ିଆ ଓ ସରେଇ ପଂଚାୟତରେ ପଂଚାୟତସ୍ତରୀୟ ସଚେତନତା ଶିବିର

ଚମ୍ପୁଆ, ୨୦/୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡ଼ିଆ ଓ ସରେଇ ପଂଚାୟତରେ ଆମ ଓଡିଶା ନବୀନ ଓଡିଶା ପଂଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୋଦଗାଡ଼ିଆ ଖେଳ ପଡିଆ ଠାରେ ଅନୁଷ୍ଠିତ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ କୋଦଗାଡ଼ିଆ ସରପଂଚ ମଞ୍ଜୁଲତା ନାଏକ ଓ ସମିତି ସଭ୍ୟ ରାକେଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଥିବାବେଳେ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଉଦୟ ନାଏକ, ରଜିଆ ସମିତି ସଭ୍ୟ ପରମେଶ୍ୱର ନାଏକ, ଅଜିତ ସେଠୀ ପ୍ରମୁଖ ଯୋଗ ଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଆରଏସ ଭକ୍ତ ବନ୍ଧୁ ମହାନ୍ତ ପରିଚାଳନା କରିଥିଲେ। ସେହିପରି ସରେଇ ଖେଳ ପଡିଆ ଠାରେ ଅନୁଷ୍ଠିତ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସରେଇ ସରପଂଚ ସୁଶାନ୍ତ କୁମାର ନାୟକ ଓ ସମିତି ସଭ୍ୟା ସୁଜାତା ଗିରି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଥିବାବେଳେ ସମ୍ମାନୀତ ଅତିଥିଭାବେ ଏ.ବି.ଓ ଚୁନୁ ହାଁସଦା, କୃଷି ଅଧିକାରୀ ନୀଳମାଧବ ମିଶ୍ର, ବନଶିନୀ ବେହେରା, ଏ.ଏଫ୍.ଓ ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜି.ଆର.ଏସ ଡୋଲୀ ସେଠୀ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ରମଣୀ ନାୟକ ଯୋଗ ଦେଇଥିଲେ। ସମସ୍ତ ଅତିଥି ଏବଂ ଅଧିକାରୀ ମାନେ ଗ୍ରାମାଂଚଳ ଭିତ୍ତିଭୂମିର ବିକାଶ ତଥା ରାଜ୍ୟ ସରକାରଙ୍କ ଯୋଜନା ଗୁଡିକର ଜନ ସାଧାରଣ କିପରି ଲାଭ ଉଠାଇ ପାରିବେ ସେ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ।

ଏହି ଅବସରରେ ସଭାରେ ଏଲଇଡି ମାଧ୍ୟମରେ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ଜନସାଧାରଣ ଆଗରେ ପ୍ରଦର୍ଶିତ କରାଯିବା ସହିତ ପାଲା, ନୃତ୍ୟ, ଗୀତ ପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଜୟପୁର, ୨୦/୨ (ନି.ପ୍ର): ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ରୋଗୀଙ୍କ ମୃତ୍ୟୁ ଘଟିଛି । ଗତ ୧୫ ତାରିଖରେ ଅସ୍ତ୍ରୋପଚାର ପରେ ଆଜି ସକାଳେ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ତେବେ ଉପଯୁକ୍ତ ଚିକିତ୍ସା ଅଭାବରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ପୋଲିସ ଘଟଣାର ତଦନ୍ତ କରୁଛି ।


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୧ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 FEBRUARY 2024

Vol.No. 35 ■ No.50 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଇତିହାସରେ ପ୍ରଥମ: କୋର୍ଟରେ ଗଣା ହେଲା ବାଲଟ ପେପର

## ଆପର ବଡ଼ ବିଜୟ: ଦଳୀୟ ପ୍ରାର୍ଥୀଙ୍କୁ ମେୟର ଘୋଷଣା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୦/୨ : ଆଜି ସୁପ୍ରିମକୋର୍ଟରେ ଐତିହାସିକ ଘଟଣା ଘଟିଛି । ଚଣ୍ଡିଗଡ଼ ମେୟର ନିର୍ବାଚନକୁ ନେଇ ଜାରି ରହିଥିବା ବିବାଦ ଆଜି କୋର୍ଟ ରୁମରେ ସମାଧାନ ହୋଇଛି । କୋର୍ଟରେ ପ୍ରଥମ ଥର ବାଲଟ ପେପର ଗଣତି ହୋଇଛି । ଗଣତି ପରେ ସର୍ବୋଚ୍ଚ ଅଦାଲତର ବିଚାରପତି ଆପର ମେୟର ପ୍ରାର୍ଥୀ କୁଲଦୀପ କୁମାରଙ୍କୁ ବିଜେତା ଘୋଷଣା କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଜି ପ୍ରଥମେ ବାଲଟ ପେପରଗୁଡ଼ିକୁ ଯାଞ୍ଚ କରିଥିଲେ । ଏହାପରେ ଏହାକୁ ବିକୃତ କରି ଜାଣିଶୁଣି ନାକଚ କରି ଦେଇଥିବା ରିଟର୍ଣ୍ଣିଂ ଅଫିସର ଅନୀଲ ମସିହଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଏଥିସହ ମେୟର ନିର୍ବାଚନର ଫଳାଫଳ ନିଜେ ଘୋଷଣା କରିବାକୁ ନିଷ୍ପତ୍ତି ମଧ୍ୟ ନେଇଥିଲେ । ବିଜେପି ପୁଣିଥରେ ମେୟର ନିର୍ବାଚନ କରିବାକୁ ଦାବି କରିଥିଲା । ହେଲେ ଏହାକୁ ମଧ୍ୟ କୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ଖଣ୍ଡପୀଠରେ ଥିବା ବିଚାରପତିମାନେ କହିଛନ୍ତି, ଏଭଳି ଖଳ ଚରିତ୍ରଙ୍କ ପାଇଁ ଯେମିତି ଗଣତାନ୍ତ୍ରିକ ପ୍ରକ୍ରିୟା କ୍ଷତିଗ୍ରସ୍ତ ନହେବ, ତା'କୁ ନିଶ୍ଚିତ କରିବା ଏହି କୋର୍ଟର କର୍ତ୍ତବ୍ୟ । ମୂଳ ଗଣତାନ୍ତ୍ରିକ ଜନାଦେଶକୁ ନିଶ୍ଚିତ କରିବା ପାଇଁ ବିରଳ ସ୍ଥିତିରେ କୋର୍ଟ ହସ୍ତକ୍ଷେପ ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି । ବାଲଟ ପେପର ଗଣତି ପରେ ଖଣ୍ଡପୀଠ ଆବେଦନକାରୀ ତଥା ଆପର ମେୟର ପ୍ରାର୍ଥୀ କୁଲଦୀପ କୁମାରଙ୍କୁ ଚଣ୍ଡିଗଡ଼ ମେୟର ଭାବେ ନିର୍ବାଚିତ କରିଥିଲେ । ଏହାପରେ ଭୋଟ ଗଣତିରେ ହେରଫେର କରି ବିଜେପି ପ୍ରାର୍ଥୀଙ୍କୁ ଜିତାଇଥିବା ରିଟର୍ଣ୍ଣିଂ ଅଫିସର ଅନୀଲ ମସିହଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିପାରେ ବୋଲି ମଧ୍ୟ କୋର୍ଟ କହିଛନ୍ତି । ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତା'ର ଉତ୍ତର ୩ ସପ୍ତାହ ମଧ୍ୟରେ ଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି ।

# ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହେଲେ ଦେବାଶିଷ, ଶୁଭାଶିଷ ଓ ଅଶ୍ୱିନୀ



ଭୁବନେଶ୍ୱର, ୨୦/୨ (ନି.ପ୍ର): ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ ଓ ଅଶ୍ୱିନୀ ବୈଷ୍ଣବ । ଆଜି ରିଟର୍ଣ୍ଣିଂ ଅଫିସର ଏହି ଘୋଷଣା କରିଛନ୍ତି । ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ବିଜେଡି ତରଫରୁ ନାମାଙ୍କନପତ୍ର ଦାଖଲ କରିଥିଲେ । ଅଶ୍ୱିନୀ ବୈଷ୍ଣବ ବିଜେପି ତରଫରୁ ନାମାଙ୍କନପତ୍ର ଦାଖଲ କରିଥିଲେ । ଅଶ୍ୱିନୀଙ୍କୁ ବିଜେଡି ସମର୍ଥନ ଜଣାଇଥିଲା । ଏହାକୁ ନେଇ କଂଗ୍ରେସ ଉଭୟ ଦଳଙ୍କୁ ତୀବ୍ର ସମାଲୋଚନା କରିଥିଲା । ୨୦୧୯ରେ ମଧ୍ୟ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରିଥିଲା ବିଜେଡି । ଓଡ଼ିଶାରୁ ୩ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଥିବା ବେଳେ କେବଳ ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ ଓ ଅଶ୍ୱିନୀ ବୈଷ୍ଣବ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ତେଣୁ ରିଟର୍ଣ୍ଣିଂ ଅଫିସର ସେମାନଙ୍କୁ ବିଜୟୀ ଘୋଷଣା କରିଛନ୍ତି । ୨୦୦୯ ଓ ୨୦୧୪ରେ ବିଜେଡି ନେତା ଦେବାଶିଷ ସାମନ୍ତରାୟ ବାରବାଟୀ-କଟକ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ରେ ସେ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କଠାରୁ ହାରି ଯାଇଥିଲେ ।

▶▶ପୃଷ୍ଠା ୭

# ସମ୍ବଲପୁର ଗସ୍ତରେ କେନ୍ଦ୍ରମନ୍ତ୍ରୀ: ଆସ୍ଥା ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୨୦/୨ (ନି.ପ୍ର): ସମ୍ବଲପୁର ଗସ୍ତରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି ସକାଳେ ପ୍ରଥମେ ସମ୍ବଲପୁର ରେଳ ଷ୍ଟେସନରେ ସମ୍ବଲପୁର-ଦର୍ଶନ ନଗର-ସମ୍ବଲପୁର ଆସ୍ଥା ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍ ଯୋଗେ ପଶ୍ଚିମ ଓଡ଼ିଶା ଲୋକେ ଅଯୋଧ୍ୟା ଯାଇ ଶ୍ରୀରାମଙ୍କୁ ଦର୍ଶନ କରିପାରିବେ । ସେହିପରି ସମ୍ବଲପୁର ବୈଦିକ ଆର୍ନ୍ତଜାତିକ ସ୍କୁଲରେ ରୋବୋଟିକ୍ ସେଣ୍ଟରର ଲୋକାର୍ପଣ କରିବେ । ଏହା ସହ ମଝିପାଲିଠାରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟରର ଉଦଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପରେ ସମ୍ବଲପୁର ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଭିଡିଓ କନଫରେନସିଂରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦଘାଟନ ଓ ଶିଳାନ୍ୟାସ

▶▶ପୃଷ୍ଠା ୭

# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ବାଣ୍ଟିଲେ ହଜାରେ ଲେଖାଏଁ ଟଙ୍କା

ଭୁବନେଶ୍ୱର, ୨୦/୨ (ନି.ପ୍ର): ଆଉ ମାସ କେଇଟା ପରେ ୨୦୨୪ ସାଧାରଣ ନିର୍ବାଚନ ହେବ । ତା'ପୂର୍ବରୁ ଭଣ୍ଡାର ଖୋଲିଦେଲେ ରାଜ୍ୟ ସରକାର । ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ବାଣ୍ଟିଲେ ହଜାରେ ଲେଖାଏଁ ଟଙ୍କା । ଅନେକ ସ୍ଥାନରେ ହିତାଧିକାରୀଙ୍କୁ ଟଙ୍କା ଦେଇଛନ୍ତି ବିଜେଡି ନେତା । ରାଜ୍ୟରେ ପ୍ରାୟ ୯୫ ଲକ୍ଷ ପରିବାରକୁ ଏହି ସହାୟତା ଦେବେ ସରକାର । ଏ ବାବଦକୁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେବ ୧୨୩୭ କୋଟି ଟଙ୍କା । ଖାଲି ଖାଦ୍ୟ ସୁରକ୍ଷା ହିତାଧିକାରୀ ନୁହନ୍ତି, ମିଶନଶକ୍ତି ମହିଳାଙ୍କୁ ମଧ୍ୟ ମିଳିବ ହଜାରେ ଟଙ୍କା ଲେଖାଏଁ ୟୁନିଫର୍ମ ସହାୟତା । ସେହିପରି କଲେଜ ଛାତ୍ରଛାତ୍ରୀଙ୍କ ମେଧା ବୃତ୍ତି, ବେକାର ଯୁବକଯୁବତୀଙ୍କୁ ବିନା ସୁଧରେ ଲକ୍ଷେ ଟଙ୍କା ଋଣ, ବୁଣାକାରଙ୍କ ପେନସନ, କୃଷକ ସାଥୀ, ପାଚିକାଙ୍କ ଅର୍ଥରାଶି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ମମତା ଯୋଜନା ସହାୟତା ମଧ୍ୟ ୫ ହଜାରରୁ ୧୦ ହଜାର ଟଙ୍କାକୁ ବଢ଼ା ଯାଇଛି । ଏଭଳି ଭାବେ ୧୦ ଦିନ ଭିତରେ ୧୩ଟି ବଡ଼ ଘୋଷଣା କରିଛନ୍ତି ରାଜ୍ୟସରକାର । ଯାହାକୁ ନେଇ ସରକାରକୁ କଡା ସମାଲୋଚନା କରିଛନ୍ତି ବିରୋଧୀ । ବିଜେପି କହିଛି,

▶▶ପୃଷ୍ଠା ୭

# ଆଜି ଶ୍ରୀଜୀଉଙ୍କ ବନକଲାଗି : ୩ ଘଂଟା ବନ୍ଦ ରହିବ ଦର୍ଶନ



ପୁରୀ, ୨୦/୨ (ନି.ପ୍ର): ଆସନ୍ତାକାଲି ବୁଧବାର ମାଘ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ୬ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ । ଦ୍ୱିତୀୟ ଭୋଗମଣ୍ଡପ ପରେ ଦତମହାପାତ୍ର ସେବକମାନେ ଗର୍ଭଗୃହରେ ପ୍ରବେଶ କରିବେ । ଏହାପରେ ବନକଲାଗି ଗୁପ୍ତ ନୀତି ସମାପନ ହେବ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଭକ୍ତ ମାନେ ପୁଣି ଶ୍ରୀବିଗ୍ରହ ମାନଙ୍କ ଦର୍ଶନ କରିପାରିବେ ।

## ମାଟ୍ରିକ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୨୦/୨ (ନି.ପ୍ର): ଆଜିଠୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି ୫ ଲକ୍ଷ ୫୧ ହଜାର ୬୧୧ ଛାତ୍ରଛାତ୍ରୀ । ବୋର୍ଡ ପକ୍ଷରୁ ୩ ହଜାର ୪୭ଟି କେନ୍ଦ୍ରରେ ପରୀକ୍ଷା କେନ୍ଦ୍ର ଏବଂ ଦୁର୍ଗମ ଅଂଚଳର ୨୧ଟି ପୁଲିସ ଷ୍ଟେସନକୁ ନୋଡାଲ୍ ସେଂଟର କରାଯାଇଛି । ଆଜିଠୁ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୬ରୁ ଖାତା ଦେଖା ଆରମ୍ଭ ହୋଇ ୩୦ ତାରିଖରେ ସରିବ । କପି ରୋକିବାକୁ ନୂଆ ଫର୍ମୁଲା ସ୍ୱରୂପ ଏଥର ଛାତ୍ରଛାତ୍ରୀ ମାନଙ୍କୁ ଦେଢ ଘଂଟା ପୂର୍ବରୁ ପରୀକ୍ଷା ହଲକୁ ପ୍ରବେଶ କରିବାର ନିର୍ଦ୍ଦେଶ ରହିଥିଲା । ଅର୍ଥାତ୍ ସକାଳ ୯ଟାରେ ପରୀକ୍ଷା ଥିବାବେଳେ ସାଢେ ୭ଟାରୁ ପରୀକ୍ଷା କେନ୍ଦ୍ରକୁ ଛାତ୍ରଛାତ୍ରୀମାନେ ପ୍ରବେଶ କରିଥିଲେ । ୮ଟା ୧୫ ମିନିଟ୍ ପରେ ଆଉ କାହାରିକୁ ପ୍ରବେଶ ଅନୁମତି ମିଳିବ ନାହିଁ । ସେଂଟର ସୁପରିଟେଣ୍ଡେଂଟ ଙ୍କ ବ୍ୟତୀତ ପରୀକ୍ଷା ସମୟରେ ଅନ୍ୟ କେହି ବି ପରୀକ୍ଷା କେନ୍ଦ୍ରକୁ ମୋବାଇଲ ନେଇ ପାରିବେନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।


# ୧୫ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ: ଭୁବନେଶ୍ୱରରେ ସବୁଠୁ ଅଧିକ ତାତି




ଭୁବନେଶ୍ୱର, ୨୦/୨ (ନି.ପ୍ର): ବୈଶାଖ ଓ ଜ୍ୟେଷ୍ଠ ମାସ ଆସିବାକୁ ଆହୁରି ଢେର ସମୟ ବାକି ଅଛି । ଏବେ ଚାଲିଛି ମାଘ । ତା'ପରେ ଆସିବ ଫାଲ୍‌ଗୁନ ଓ ଚୈତ୍ର । ତା'ପରେ ଆସିବ ବୈଶାଖ । କିନ୍ତୁ ଏବେଠୁ ଦାଉ ସାଜିଲାଣି ଖରା । ଆଜି ରାଜ୍ୟର ୧୫ଟି ସହରର ସର୍ବୋଚ୍ଚ ଦିନ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ବା ତା' ଉପରେ ରେକର୍ଡ ହୋଇଛି । ଆଉ ସବୁଠୁ ଉତ୍ତପ୍ତ ସହର ପାଲଟିଛି ରାଜଧାନୀ ଭୁବନେଶ୍ୱର । ଏଠାରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଛି ଏହି ସୂଚନା । ରାଜଧାନୀ ଭୁବନେଶ୍ୱର ତଳକୁ ରହିଛି ବୌଦ୍ଧ । ଏଠାରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ କରାଯାଇଛି । ସେହିଭଳି ଭବାନୀପାଟଣାରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୩୫.୬, ପାରଳାଖେମୁଣ୍ଡିରେ ୩୫.୬, ଟିଟିଲାଗଡ଼ରେ ୩୫.୫, ନୟାଗଡ଼ରେ ୩୫.୫, ଜଗତସିଂହପୁରରେ ୩୫.୫, ବଲାଙ୍ଗିରରେ ୩୫.୩, ଅନୁଗୋଳରେ ୩୫.୧, ଭଦ୍ରକରେ ୩୫, ମାଲକାନଗିରିରେ ୩୫, ତାଳଚେରରେ ୩୫, ଚାନ୍ଦବାଲିରେ ୩୫ ଓ ବାଲେଶ୍ୱରରେ ୩୫ ଡିଗ୍ରୀ ରହିଥିଲା । ଅନ୍ୟପକ୍ଷରେ କଟକରେ ଆଜି ସର୍ବୋଚ୍ଚ ଦିନ ତାପମାତ୍ରା ୩୪.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି ।

▶▶ପୃଷ୍ଠା ୭

# ଗୁରୁବାର ଆସିବେ ରାଜନାଥ ସିଂ: ବ୍ରହ୍ମପୁରରେ ବିଜେପି ସମାବେଶ, ନବରଙ୍ଗପୁର ଓ ବାରିପଦାରେ କର୍ମକର୍ତ୍ତାଙ୍କୁ ଭେଟିବେ



ଭୁବନେଶ୍ୱର, ୨୦/୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ନିଜର କର୍ମୀ ଓ ନେତାଙ୍କ ମନୋବଳ ବୃଦ୍ଧି ପାଇଁ ବିଜେପି ଜୋରଦାର ପ୍ରୟାସ ଆରମ୍ଭ କରିଛି । ଦଳର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ୨୨ତାରିଖ ଗୁରୁବାର ଦିନିକିଆ ଗସ୍ତରେ ଆସି ନବରଙ୍ଗପୁର, ବ୍ରହ୍ମପୁର ଓ ବାରିପଦା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ବ୍ରହ୍ମପୁରରେ ବିଜେପିର ବିଶାଳ କର୍ମୀ ସମାବେଶକୁ ରାଜନାଥ ସମ୍ବୋଧିତ କରିବା ସହ ନବରଙ୍ଗପୁର ଓ ବାରିପଦାରେ ଜିଲ୍ଲାର କୋରଟିମ୍ ସହ ନିର୍ବାଚନୀ ରଣନୀତି ପ୍ରସଙ୍ଗରେ ବିଚାରବିମର୍ଶ କରିବେ ବୋଲି ଜଣାପଡ଼ିଛି । ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବରିଷ୍ଠ ବିଜେପି ନେତା ରାଜନାଥ ସିଂହ ବିଶାଖାପାଟଣା ବିମାନ ବନ୍ଦରରୁ ଜଗଦଲପୁର ଦେଇ ୨୨ତାରିଖ ସକାଳ ୧୦ଟା ୫୦ମିନିଟରେ ନବରଙ୍ଗପୁରରେ ପହଂଚିବେ । ସେଠାରେ ଦିନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଏକଘଣ୍ଟା ଧରି ଜିଲ୍ଲାର ବିଜେପି କୋର କମିଟି ନେତାମାନଙ୍କ ସହ ବୈଠକ କରିବେ ।

▶▶ପୃଷ୍ଠା ୭

# ପୁରୀରୁ କୋଣାର୍କ ଗଡ଼ିବ ଭିଷ୍ଟାଡୋମ୍ ଟ୍ରେନ୍



ଭୁବନେଶ୍ୱର, ୨୦/୨ (ନି.ପ୍ର): ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ରକୁ ଗଡ଼ିବ ଟ୍ରେନ୍ । ସେଥିପାଇଁ ନୂଆ ରେଳ ଲାଇନ୍ ନିର୍ମାଣ କରିବ । ସେହି ଟ୍ରାକ୍‌ରେ ଭିଷ୍ଟାଡୋମ୍ ଟ୍ରେନ୍ ଚାଲିବାର ବ୍ୟବସ୍ଥା କରାଯିବ । ଯାହାଫଳରେ ପର୍ଯ୍ୟଟକମାନେ ଟ୍ରେନ୍ ଭିତରୁ ବାହାର ସବୁ ଦୃଶ୍ୟ ଦେଖିପାରିବେ । ଆଜି ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଗଣମାଧ୍ୟମକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପୁରୀରୁ କୋଣାର୍କ ନୂଆ ରେଲୱେ ଲାଇନ୍ ନିର୍ମାଣ ହେବ । ଏହି ରେଳ ଲାଇନ୍‌କୁ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି । ଏଥିପାଇଁ ୪୯୨ କୋଟି ଟଙ୍କା ମଞ୍ଜୁର ହୋଇଛି । ୩୨ କିଲୋମିଟର ନୂଆ ରେଳ ଲାଇନ୍ ନିର୍ମାଣ ହେବ । ଏହି ଟ୍ରାକ୍‌ରେ

▶▶ପୃଷ୍ଠା ୭

# ମାନହାନୀ ମାମଲାରେ ରାହୁଲଙ୍କୁ ମିଳିଲା ଆଶ୍ୱସ୍ତି



ନୂଆଦିଲ୍ଲୀ, ୨୦/୨ : ୬ ବର୍ଷ ତଳର ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମିଳିଲା ଆଶ୍ୱସ୍ତି । ଉତ୍ତରପ୍ରଦେଶର ସୁଲତାନପୁର କୋର୍ଟରୁ ରାହୁଲଙ୍କୁ ଜାମିନ ମିଳିଛି । ୨୫ ହଜାର ଟଙ୍କାର ବେଲ ବଣ୍ଡ ବଦଳରେ ରାହୁଲଙ୍କୁ ଜାମିନ ପ୍ରଦାନ କରିଛନ୍ତି କୋର୍ଟ । ୨୦୧୮ ମସିହାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ ରାହୁଲ । ଏହି ଘଟଣାରେ ବିଜେପି ନେତା ବିଜୟ ମିଶ୍ର କୋର୍ଟରେ ମାନହାନି ମାମଲା ରୁଜୁ କରିଥିଲେ । ଏହି ମାମଲାରେ ଆଜି ରାହୁଲ ସୁଲତାନପୁର କୋର୍ଟରେ ହାଜର ହେବା ସହ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି କୋର୍ଟ । ୨୦୧୮ ମସିହାରେ ମେ ୮ ତାରିଖରେ କର୍ଣ୍ଣାଟକର ଏକ ରାଲିରେ ଯୋଗ ଦେଇ ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ଆପତିଜନକ ଟିପ୍ପଣୀ ଦେଇଥିଲେ ରାହୁଲ । ଗୁଜରାଟ ଫର୍ଜୀ ଏନକାଉଣ୍ଟର ମାମଲାରେ ଶାହାଙ୍କୁ ସିବିଆଇ କ୍ଲିନଚିଟ ଦେବା ଘଟଣାକୁ ଉଠାଇ ଶାହାଙ୍କୁ ହତ୍ୟାକାରୀ କହିଥିଲେ ରାହୁଲ । ତେବେ ଘଟଣାକୁ ବିରୋଧ କରି ବିଜେପି ନେତା ବିଜୟ ମିଶ୍ରା ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ । କୋର୍ଟରେ ହାଜର ହେବା ପାଇଁ ଭାରତଯୋଡ ଯାତ୍ରାକୁ ଦୁଇ ଦିନ ପାଇଁ ସ୍ଥଗିତ ରଖାଯାଇଛି । ପୂର୍ବରୁ ମୋଦୀ ସାଙ୍ଗିଆକୁ ନେଇ ବିବାଦୀୟ ବୟାନ ଦେଇ ସମସ୍ୟାରେ ପଡିଥିଲେ ରାହୁଲ ।

# ସନ୍ଦେଶଖାଲି ମାମଲା: ମମତା ସରକାରଙ୍କ ଉପରେ ବର୍ଷିଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨୦/୨ : ଥମୁନି ପଶ୍ଚିମବଙ୍ଗ ସନ୍ଦେଶଖାଲି ମାମଲା । ସନ୍ଦେଶଖାଲିରେ ମହିଳାଙ୍କ ସହ ଦୁଷ୍କର୍ମ ଓ ଜମି ହଡପ କରିଥିବା ନେଇ ତୃଣମୂଳ କଂଗ୍ରେସ ନେତା ଶେଖ ଶାହଜାହାଁଙ୍କ ନାଁରେ ଅଭିଯୋଗ ରହିଛି । ସେ ଏବେ ଫେରାର ଅଛନ୍ତି । ଏହି ମାମଲାକୁ ନେଇ ପଶ୍ଚିମବଙ୍ଗର ମମତା ସରକାରଙ୍କ ଉପରେ ବର୍ଷିଛନ୍ତି କଲିକତା ହାଇକୋର୍ଟ । ଅଭିଯୁକ୍ତ ତଥା ବାହୁବଳି ଟିଏମ୍‌ସି ନେତା ଶେଖ ଶହାଜାହାଁ ଏଭଳି ଫେରାର ହୋଇ ପାରିବେ ନାହିଁ । ତାଙ୍କୁ ପଶ୍ଚିମବଙ୍ଗର ସରକାର ସମର୍ଥନ କରିପାରିବେ ନାହିଁ । ଜଣେ ନେତା ଟଙ୍କା ପାଇଁ ସମସ୍ତଙ୍କୁ ଏଭଳି ବନ୍ଧକ ରଖିପାରିବେ ନାହିଁ । ବିଜେପି ନେତା ସୁଭେନ୍ଦୁ ଅଧିକାରୀ ସନ୍ଦେଶଖାଲି ଯିବାକୁ ଅନୁମତି ପାଇଁ କରିଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ଏଭଳି କହିଛନ୍ତି । କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଟିଏସ୍ ଶିବଗଣମ୍ କହିଛନ୍ତି, 'ମହିଳାଙ୍କ ଅଭିଯୋଗକୁ ସମୀକ୍ଷା କରାଯାଇଛି । ଏହି ଅଞ୍ଚଳର ମହିଳାମାନେ ଗୁରୁତର ପ୍ରସଙ୍ଗ ଉଠାଇ ଅଭିଯୋଗ ଆଣିଛନ୍ତି । ଏଠାକାର କିଛି ଜମି ଉପରେ କବ୍‌ଜା କରାଯାଇଛି । ଶେଖ ଶାହଜାହାଁ ଏଭଳି ଫେରାର ହୋଇପାରିବେ ନାହିଁ । ତାଙ୍କୁ ଏଠାରେ ଆସି ଆତ୍ମସମର୍ପଣ କରିବାକୁ ପଡିବ ।

▶▶ପୃଷ୍ଠା ୭


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କେସିଆରଙ୍କ କାରନାମା...

କ୍ଷମତାରେ ଥିବା ବେଳେ ହାତୀ ମାରି ମଧ୍ୟ କୁଲା ଘୋଡ଼େଇ ହୁଏ । କିନ୍ତୁ କ୍ଷମତାରୁ ଥରେ ଗଲା ପରେ ମଶାଟିଏ ମାରିଥିବାର ଅପରାଧ ମଧ୍ୟ ପଛେ ପଛେ ଗୋଡ଼େଇ ଥାଏ- ଏକଥା ଅନେକ ବାର ସାମ୍ନାକୁ ଆସିଛି ଭାରତୀୟ ରାଜନୀତିରେ । ଏବେ ଏଇ କ୍ରମରେ ପଦାରେ ପଡ଼ିଛି ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି (ବିଆରଏସ୍)ର ସଭାପତି କେ ଚନ୍ଦ୍ରଶେଖର ରାଓଙ୍କ ଅମଳର ଦୁର୍ନୀତି କଥା। ତେଲେଙ୍ଗାନାର ବର୍ତ୍ତମାନର ସରକାର ଶାସନ କ୍ଷମତାକୁ ଆସିବା ପୂର୍ବରୁ ଲଗାତର ଦୁଇଗୋଟି ପାଳିରେ ଶାସନ କରିଥିଲେ କେସିଆ, ଅର୍ଥାତ୍ ପୂରା ଗୋଟିଏ ଦଶନ୍ଧି । ଆଉ ଏଇ ଦଶନ୍ଧି ଭିତରେ ରାଜ୍ୟର ପ୍ରଗତି କରିବାକୁ ଯାଇ ସେ ଯେଉଁସବୁ ନିଷ୍ପତ୍ତି ଗ୍ରହଣ କରି ତାକୁ କାର୍ଯ୍ୟରେ ପରିଣତ କରିବା ଆରମ୍ଭ କରି ଦେଇଥିଲେ, ସେସବୁରେ ଯେତିକି ପରିମାଣର ଦୁର୍ନୀତି ହୋଇଛି, ତାହା ସ୍ୱାଧୀନ ଭାରତରେ ତାଙ୍କ ସରକାରକୁ ସର୍ବାଧିକ ଦୁର୍ନୀତିଗ୍ରସ୍ତ ସରକାର ଭାବରେ ସମ୍ପ୍ରତି ଉପସ୍ଥାପନ କରିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ନେତୃତ୍ୱାଧୀନ ବିଆରଏସ୍ ସରକାର ଦ୍ୱାରା ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଏକ ସର୍ବବୃହତ୍ ଛାମୁଆ ଯୋଜନା ଥିଲା ଏକ ବହୁମୁଖୀ କାଲେଶ୍ୱରମ୍ ଉଠା ଜଳସେଚନ ଯୋଜନା (କେଆଇଏଲ୍ଏସ୍- କିଲ୍ସ) ପ୍ରକଳ୍ପ, ଯାହା କେବଳ ଗୋଟିଏ ମାତ୍ର ପ୍ରକଳ୍ପ ଭାବରେ ଭାରତର ସର୍ବବୃହତ୍ ବିଫଳତା ରୂପରେ ତଥା ଯେ କୌଣସି ସରକାରଙ୍କ ଦ୍ୱାରା ସର୍ବାଧିକ ଦୁର୍ନୀତିଗ୍ରସ୍ତ ଉଦ୍ୟମ ଭାବରେ ପରିଗଣିତ ହେବ। ସମଗ୍ର ପ୍ରକଳ୍ପଟିର ଯୋଜନା ବେଶ୍ ତରବରିଆ ଭାବରେ କରାଯାଇଥିଲା ଏବଂ ଏହା ପଛର ଉଦ୍ଦେଶ୍ୟ ମୂଳରୁ ହିଁ ଇଚ୍ଛାକୃତ ଦାୟିତ୍ୱହୀନତା ତଥା ବେପରୁଆ ଢଙ୍ଗ ସହିତ ଛନ୍ଦି ହୋଇ ପଡ଼ିଥିଲା। ବିଆର୍ଏସ୍ ସରକାର, ବିଶେଷକରି ଜଳସେଚନ ବିଭାଗ ଗୁଣାତ୍ମକ ମାନ ଓ ବୈଷୟିକ ବିଶେଷଜ୍ଞତାରେ ବୁଝାମଣା କରିବାକୁ ପଛେଇ ନଥିଲେ; ପ୍ରକଳ୍ପର ନିର୍ମାଣ ବ୍ୟୟର ପରିମାଣ ବୃଦ୍ଧି କରିବା ସହିତ ବ୍ୟାପକ ଯୋଜନାକୁ ଏଡ଼ାଇ ଯିବା ସଙ୍ଗେ ସଙ୍ଗେ ପାଣି ଯୋଗାଡ଼ କରିବା ପାଇଁ ଅନେକଗୁଡ଼ିଏ ବିଧିବିଧାନକୁ ଆଣ୍ଠୁର ମାରିଥିବା ନିକଟରେ ଭାରତର କଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ତାଙ୍କ ରିପୋର୍ଟରେ ବିସ୍ତୃତ ଭାବରେ ଦର୍ଶାଇଛନ୍ତି । ୨୦୨୨ ସୁଦ୍ଧା କାମ ହୋଇଥିବା ପ୍ରକଳ୍ପର ଅଂଶକୁ ବିଚାରକୁ ନେଇଥିବା ସିଏଜି ରିପୋର୍ଟ ମଧ୍ୟ ଏଇ ନିଷ୍କର୍ଷରେ ପହଞ୍ଚି ଥିଲା ଯେ କାଲେଶ୍ୱରମ୍ ପ୍ରକଳ୍ପ ବାବଦକୁ ମୂଳ ବ୍ୟୟର ପରିମାଣ ୮୧,୯୧୧ କୋଟି ଆକଳନ କରା ଯାଇଥିଲେ ସୁଦ୍ଧା ପ୍ରକଳ୍ପ ଶେଷ ସୁଦ୍ଧା ଏହାର ପରିମାଣ ୧,୪୭,୪୨୭ କୋଟି ଟଙ୍କାର ପହଞ୍ଚିବାର ସମ୍ଭାବନା ରହିଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ସିଏଜି ରିପୋର୍ଟ ଏକଥା ମଧ୍ୟ ଉଲ୍ଲେଖ କରିଛି ଯେ ମେଡିଗଡ଼ା, ଆନ୍ନାରାମ୍ ଏବଂ ସୁନ୍ଦିଲ୍ଲା ବ୍ୟାରେଜଗୁଡ଼ିକ କ୍ଷେତ୍ରରେ ଡିଜାଇନ୍‌ରେ ବିଚ୍ୟୁତି କରାଯିବା ସହିତ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଏଗୁଡ଼ିକରେ ବର୍ତ୍ତମାନ ଫାଟ ଦେଖାଯାଉଛି ଏବଂ ଜଳ ଲିକ୍ କରୁଛି, ଯେଉଁଥି ପାଇଁ ଏସବୁ ଆଦୌ ବ୍ୟବହାର ଉପଯୋଗୀ ହୋଇ ନପାରେ । ସିଏଜି ରିପୋର୍ଟ ପଦାକୁ ଆସିବା ପରେ ଏଥିରେ ତେଣୁ ବିସ୍ମିତ ହେବାର କିଛି ନାହିଁ ଯେ ବିଆରଏସ୍ ସରକାରର ଦୁର୍ନୀତିକୁ ପଦାରେ ପକାଇ ଯେଉଁ କଂଗ୍ରେସ ବିଧାନସଭା ନିର୍ବାଚନରେ ବିଜୟ ଲାଭ କରି ସରକାର ଗଠନ କରିବା ପରେ ବର୍ତ୍ତମାନ ରାଜ୍ୟରେ କ୍ଷମତାରେ ରହିଛି, ତାହା ଏବେ ଏହାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ କରିଛି ଏବଂ କରିବ। ମଜାର କଥା ହେଉଛି, କ୍ଷମତାରେ ଥିବା ପର୍ଯ୍ୟନ୍ତ ବିଆରଏସ୍ ସରକାର ସିଏଜି ରିପୋର୍ଟକୁ ଉପସ୍ଥାପନ କରିବାକୁ ଅନୁମତି ମଧ୍ୟ ପ୍ରଦାନ କରି ନଥିଲା ଏବଂ ଅଧିକାଂଶ ସରକାରୀ ଆଦେଶନାମା (ଜିଓ)କୁ ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରି ନଥିଲା, ଯେଉଁ ବ୍ୟବସ୍ଥା ଶ୍ରୀଯୁକ୍ତ ରାଓ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ରାଜ୍ୟରେ ପ୍ରଚଳିତ ଥିଲା। ସିଏଜି ରିପୋର୍ଟ ଅନୁସାରେ କେସିଆରଙ୍କ ସରକାରର ଦୁର୍ନୀତି ଯୋଗୁଁ ତେଲେଙ୍ଗାନା ସରକାର ଏବେ ୨,୫୨,୦୪୮ କୋଟି ଟଙ୍କାର ଋଣ ପରିଶୋଧକୁ ପ୍ରତ୍ୟକ୍ଷ କରୁଛନ୍ତି। ଆଉ କିଛି ଦିନ ଭିତରେ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ଏହାକୁ ଏକ ରାଜନୀତିକ ପ୍ରସଙ୍ଗରେ ପରିଣତ କରି ଉଚ୍ଚସ୍ୱରରେ ଡାକି ବଜେଇ କହୁଛନ୍ତି, 'କେସିଆରଙ୍କ ଶାସନ କାଳରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି, ବେଆଇନ୍ କାର୍ଯ୍ୟକଳାପ ଏବଂ ପାଣିର ଅସଦ୍ ବ୍ୟବହାର ହୋଇଛି । ସିଏଜି ରିପୋର୍ଟ ତାଙ୍କର ସମସ୍ତ କୁକାର୍ଯ୍ୟର ପ୍ରମାଣ । କେସିଆର ଏବଂ ତାଙ୍କର ମନ୍ତ୍ରୀମାନେ ଏହାର ଜବାବ ଦେବା ଉଚିତ।' ବିଜେପି ଏହି ଘଟଣାର ସିବିଆଇ ତଦନ୍ତ ଦାବି କରୁଥିବା ବେଳେ ରାଜ୍ୟ ସରକାର ହାଇକୋର୍ଟର ଜଣେ କାର୍ଯ୍ୟରତ ବା ଅବସରପ୍ରାପ୍ତ ବିଚାରପତି ଏହାର ତଦନ୍ତ କରିବା ସପକ୍ଷରେ ରହିଛନ୍ତି। ତେବେ ଏସବୁ ଭିତରେ ଗୋଟିଏ କଥା କିନ୍ତୁ ନିଶ୍ଚିତ– ଭାରତର ଇତିହାସରେ ସର୍ବାଧିକ ଦୁର୍ନୀତିଗ୍ରସ୍ତ ସରକାର ଭାବରେ ଯେ କୌଣସି ସରକାର ହୁଅନ୍ତୁ ନା କାହିଁକି, ତାଙ୍କୁ ଦଣ୍ଡମୁକ୍ତ କରାଯିବା ଉଚିତ ନୁହେଁ।

# ବନ୍ଦ ହେବ ନିର୍ବାଚନୀ ବଣ୍ଡ ବ୍ୟବସ୍ଥା



### ଗୋପାଳ ମହାପାତ୍ର

ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେବା ପାଇଁ ଜାରି କରାଯାଇଥିବା ଇଲେକ୍‌ଟୋରାଲ ବଣ୍ଡ ବ୍ୟବସ୍ଥାକୁ ମାନ୍ୟବର ସୁପ୍ରିମ୍‌କୋର୍ଟ ଅସାମ୍ବିଧାନିକ ବୋଲି କହିବା ସହିତ ଏହାକୁ ରଦ୍ଦ କରିଦେଇଛନ୍ତି। ମାନ୍ୟବର କୋର୍ଟ କହିଛନ୍ତି ଯେ, ଏହି ବ୍ୟବସ୍ଥା ବା ଯୋଜନା ସୂଚନା ଅଧିକାର ଆଇନ୍ ଓ ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ)ର ଉଲ୍ଲଂଘନ କରୁଛି। ଏହି ଇଲେକ୍‌ଟୋରାଲ୍ ବଣ୍ଡ ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାର ଜନ ପ୍ରତିନିଧିତ୍ୱ ଅଧିନିୟମ, ଆୟକର ଆଇନ୍ ସହିତ କେତେକ ଆଇନ୍‌ର ସଂଶୋଧନ କରିଥିଲେ। ଯାହାକୁ ମାନ୍ୟବର କୋର୍ଟ ଅବୈଧ ବୋଲି କହିଛନ୍ତି। ଇଲେକ୍‌ଟୋରାଲ୍ ବଣ୍ଡ ବା ନିର୍ବାଚନୀ ବଣ୍ଡ ମାଧ୍ୟମରେ ବିଭିନ୍ନ ବ୍ୟକ୍ତି ବିଶେଷ, କର୍ପୋରେଟ୍ ହାଉସ୍ ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଉଥିଲେ। ୨୦୧୭-୧୮ରେ କେନ୍ଦ୍ର ସରକାର ଏହି ଯୋଜନା କରିଥିଲେ। ୨୦୧୯ ମସିହା ଜାନୁୟାରୀ ୨୯ ତାରିଖ ଠାରୁ ଏହା କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନା ଅନୁସାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର କେତେକ ଶାଖାରେ ଭାରତର କେହି ବି ବ୍ୟକ୍ତି ବା ସଂସ୍ଥା ଏକ ହଜାର, ୧୦ ହଜାର, ଏକ ଲକ୍ଷ ଅଥବା ଏକ କୋଟି ଟଙ୍କାର ଗୁଣାଙ୍କରେ ନିର୍ବାଚନୀ ବଣ୍ଡ କ୍ରୟ କରିପାରୁଥିଲେ। ବ୍ୟକ୍ତି ବା ସଂସ୍ଥା ବଣ୍ଡ କ୍ରୟ କରିବାର ୧୫ ଦିନ ମଧ୍ୟରେ ସଂପୃକ୍ତ ଅର୍ଥ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ନିର୍ଦ୍ଧାରିତ ରାଜନୈତିକ ଦଳକୁ ପ୍ରଦାନ କରାଯାଉଥିଲା। ନିର୍ବାଚନୀ ବଣ୍ଡ ରଦ୍ଦ କରାଯିବା ପାଇଁ ମାନ୍ୟବାର ସୁପ୍ରିମ୍‌କୋର୍ଟଙ୍କ ଇଜଲାସରେ ୪ଟି ମାମଲା ଦାଏର କରାଯାଇଥିଲା। ୨୦୨୩ ମସିହା ନଭେମ୍ବର ୨ ତାରିଖରେ ମାନ୍ୟବର କୋର୍ଟ ଏହାର ଶୁଣାଣୀ ସାରିଥିଲେ ମଧ୍ୟ ରାୟକୁ ସୁରକ୍ଷିତ ରଖିଥିଲେ ଓ ଫେବୃୟାରୀ ୧୫ ତାରିଖରେ ରାୟ ଶୁଣାଇଛନ୍ତି।

ମାନ୍ୟବର କୋର୍ଟଙ୍କ ରାୟ ଏଭଳି ସମୟରେ ଆସିଛି ଯେଉଁ ସମୟରେ ନିର୍ବାଚନୀ ଉଷ୍ମତା ଧୀରେ ଧୀରେ ବଢ଼ିବାରେ ଲାଗିଛି। ନିର୍ବାଚନୀ ବଣ୍ଡ ମାଧ୍ୟମରେ ମିଳିଥିବା ଅର୍ଥ ମଧ୍ୟରୁ ୮୦ ପ୍ରତିଶତରୁ ଅଧିକ ଅର୍ଥ ବିଜେପିକୁ ମିଳିଛି ଓ ବିଜେପି ଏବେ ଦେଶର ଅତି ସମୃଦ୍ଧ ଦଳରେ ପରିଣତ ହୋଇଛି। ଏବର୍ଷ ପ୍ରାରମ୍ଭରୁ ଅର୍ଥାତ୍ ଜାନୁୟାରୀ ୨ ତାରିଖରୁ ଜାନୁୟାରୀ ୧୧ ତାରିଖ ୨୦୨୪ ମଧ୍ୟରେ ୫୭୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ବିକ୍ରି ହୋଇଥିବା ଜଣାପଡ଼ିଛି। ମାନ୍ୟବର କୋର୍ଟ ଏ ପ୍ରସଙ୍ଗରେ ଦାଏର କରାଯାଇଥିବା ୪ଟି ମାମଲାର ଶୁଣାଣି ଆରମ୍ଭ ହେବା ପରେ ଏହା ଥିଲା ନିର୍ବାଚନୀ ବଣ୍ଡ ବିକ୍ରୟର ୨ୟ ବ୍ୟାଚ୍। ୨୦୧୮ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ନିର୍ବାଚନୀ ବଣ୍ଡ ଯୋଜନାର ବୈଧତାକୁ ଚାଲେଞ୍ଜ ଓ ମାମଲା ବିଚାରାଧିନ ଥିବା ସମୟ ମଧ୍ୟରେ ୩୦ କିସ୍ତି ନିର୍ବାଚନୀ ବଣ୍ଡ ବିକ୍ରି କରାଯାଇଛି ଓ ଏହି ବିକ୍ରୀଲବ୍ଧ ଅର୍ଥର ବଡ଼ ଲାଭାର୍ଥୀ ହେଉଛି ଶାସକ ବିଜେପି। ଦେଶର କର୍ପୋରେଟ୍ କମ୍ପାନୀମାନେ ଅଧିକ ଭାବେ ନିର୍ବାଚନୀ ବଣ୍ଡ କିଣିଛନ୍ତି।

ନିର୍ବାଚନୀ ବଣ୍ଡ ଯୋଜନା ଲାଗୁ ହେବା ପରେ ଅନେକ ବ୍ୟକ୍ତି ଏହାକୁ ବିରୋଧ କରି ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଗତବର୍ଷ ଅପ୍ରେଲ ମାସରେ ମାନ୍ୟବର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ସୂଚନା ଦେଇଥିଲେ ଯେ, ଏହି ମାମଲାର ଶୁଣାଣି ପାଇଁ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯିବ। ସାମ୍ବିଧାନିକ ପୀଠ ଗତବର୍ଷ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ମାମଲାର ଶୁଣାଣି କରିଥିଲେ। ନିର୍ବାଚନୀ ବଣ୍ଡର ୨୫ତମ କିସ୍ତି ମାମଲାରେ କେନ୍ଦ୍ର ସରକାର ୨୦୨୨ ମସିହା ନଭେମ୍ବର ୭ ତାରିଖରେ ନିର୍ବାଚନୀ ବଣ୍ଡ ଯୋଜନାର ନିୟମରେ ତରବରିଆ ଭାବେ କେତେକ ସଂଶୋଧନ କରିଥିଲେ। ନିୟମ ଅନୁସାରେ ଜାନୁୟାରୀ, ଏପ୍ରିଲ୍, ଜୁଲାଇ ଏବଂ ଅକ୍ଟୋବର ପ୍ରତି ମାସରେ ୧୦ଦିନ ପାଇଁ ଏହି ବଣ୍ଡ ବିକ୍ରି କରାଯିବା କଥା। ସାଧାରଣ ନିର୍ବାଚନ ବର୍ଷରେ ଏହି ଅବଧିକୁ ଅଧିକ ୩୦ ଦିନ ବଢ଼ାଯିବାର ନିୟମ ରହିଛି। ନବୀନତମ ସଂଶୋଧନ ମାଧ୍ୟମରେ କେନ୍ଦ୍ର ସରକାର ଗତବର୍ଷ ହିମାଚଳ ପ୍ରଦେଶ ଏବଂ ଗୁଜୁରାଟ ବିଧାନସଭା ନିର୍ବାଚନ ପୂର୍ବରୁ ୨୦୨୨ ନଭେମ୍ବର ମାସରେ ଅଧିକ ଏକ କିସ୍ତି ନିର୍ବାଚନୀ ବଣ୍ଡ ବିକ୍ରୀ ପାଇଁ ଅନୁମତି ଦେଇଥିଲେ।

୨୦୧୮ରେ ନିର୍ବାଚନୀ ବଣ୍ଡର ବିକ୍ରି ଆରମ୍ଭ ହେବା ପରଠାରୁ ୬ ବର୍ଷ ମଧ୍ୟରେ ବିଜେପି କର୍ଣ୍ଣାଟକ ଏବଂ ମଧ୍ୟ ପ୍ରଦେଶର ରାଜ୍ୟ ସରକାରଙ୍କୁ ଅସ୍ଥିତର କରିବା ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ କରିଛି। ଗୋଆ ଏବଂ ମଣିପୁରରେ ସରକାର ଗଠନ ପାଇଁ ବିଧାୟକମାନଙ୍କୁ କିଣିଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ମହାରାଷ୍ଟ୍ରରେ ମଧ୍ୟ ଠିକ୍ ଏଭଳି କରାଯାଇଛି। ଏଇ ନିକଟରେ ଝାଡ଼ଖଣ୍ଡ ବିଧାନସଭାରେ ଫ୍ଲୋର୍‌ଟେଷ୍ଟ ବେଳେ ଦଳ ବଦଳ ପାଇଁ ବ୍ୟବସ୍ଥା କରିଥିଲା ବିଜେପି, ହେଲେ ଅସଫଳ ହୋଇଥିଲା। ନିର୍ବାଚନୀ ବଣ୍ଡ ମାଧ୍ୟମରେ ୧୬ ହଜାର କୋଟି ଟଙ୍କାରୁ ଅଧିକ ଧନରାଶି ମିଳିଥିଲା ଓ ଏହାର ବଡ଼ ଅଂଶ ବିଜେପିକୁ ମିଳିଥିଲା। ନିର୍ବାଚନ କମିଶନ ଏବଂ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସର ତଥ୍ୟ ଅନୁସାରେ ୨୦୧୮ରେ ନିର୍ବାଚନୀ ବଣ୍ଡ ଯୋଜନା ଆରମ୍ଭ ହେବା ଠାରୁ ଗତ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୧୨ ହଜାର କୋଟିରୁ ଅଧିକ ଟଙ୍କା ମିଳିଥିଲା ଓ ସେଥିରୁ ୫୫ ପ୍ରତଶତ ବିଜେପିକୁ ମିଳିଥିଲା। ତଥ୍ୟ ଅନୁସାରେ ଦେଶର ଦୁଇ ପ୍ରମୁଖ ଦଳ ବିଜେପି ଓ କଂଗ୍ରେସ ମଧ୍ୟରୁ ବିଜେପିର ଆୟ ବଢୁଥିବା ବେଳେ କଂଗ୍ରେସର ଆୟ କମିବାରେ ଲାଗିଛି। ୨୦୧୩-୧୪ ଆର୍ଥିକ ବର୍ଷରେ କଂଗ୍ରେସକୁ ୫୯୮ କୋଟି ଟଙ୍କା ଚାନ୍ଦା ମିଳିଥିବା ବେଳେ ବିଜେପିକୁ ୬୭୩ କୋଟିରୁ ଅଧିକ ଟଙ୍କା ମିଳିଥିଲା। ନିର୍ବାଚନୀ ବଣ୍ଡ ଜାରି ହେବା ପରେ ୨୦୧୮-୧୯ ଆର୍ଥିକ ବର୍ଷରେ ବିଜେପିକୁ ୨୪୧୦ ଗୋଟି ଟଙ୍କା ମିଳିଥିବା ବେଳେ କଂଗ୍ରେସକୁ ମିଳିଥିଲା ୯୯୮ କୋଟି ଟଙ୍କା। ୨୦୨୨-୨୩ ଆର୍ଥିକ ବର୍ଷରେ ବିଜେପିକୁ ମିଳିଥିଲା ୨୩୬୦ କୋଟି ଟଙ୍କା। ସେହିବର୍ଷ କଂଗ୍ରେସକୁ ମିଳିଥିଲା ୪୫୨ କୋଟି ଟଙ୍କା। ଦେଶର କର୍ପୋରେଟ୍ ହାଉସ୍ ବା ଉଦ୍ୟୋଗପତିମାନେ ଅଧିକ ନିର୍ବାଚନୀ ବଣ୍ଡ କିଣିଥିବା ଜଣାପଡ଼ିଛି।

ମାନ୍ୟବର କୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ, ଷ୍ଟେଟ୍ ବ୍ୟାଙ୍କ୍ ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ତଥା ନିର୍ବାଚନ କମିଶନଙ୍କୁ ପ୍ରଦାନ କରିବେ। ଏଥି ସହିତ ଷ୍ଟେଟ୍ ବ୍ୟାଙ୍କ ଆଉ ନିର୍ବାଚନୀ ବଣ୍ଡ ବିକ୍ରି କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବାର କୋର୍ଟ। ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼, ବିଚାରପତି ସଞ୍ଜିବ୍ ଖାନ୍ନା, ବିଚାରପତି ବିଆର ଗବଇ, ବିଚାରପତି ଜେ.ବି. ପାରଦିୱାଲା ଏବଂ ପିଚାରପତି ମନୋଜ ମିଶ୍ରଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ରାଜନୈତିକ ଦଳମାନଙ୍କୁ ମିଳୁଥିବା ଚାନ୍ଦାକୁ ଗୋପନୀୟ ରଖିବା ଅସାମ୍ବିଧାନିକ। ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ ମାର୍ଚ୍ଚ ୬ ତାରିଖ ସୁଦ୍ଧା ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ଷ୍ଟେଟ୍ ବ୍ୟାଙ୍କ୍ ସାର୍ବଜନୀନ କରିବ ଓ ୧୩ ମାର୍ଚ୍ଚ ସୁଦ୍ଧା ସମସ୍ତ ତଥ୍ୟ ନିର୍ବାଚନ କମିଶନ ତାଙ୍କ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ କରିବେ। ଏସବୁରୁ ଗୋଟିଏ କଥା ସ୍ପଷ୍ଟ ଯେ, ନିର୍ବାଚନରେ ବିଜେପି ସହ କେହି ସମକକ୍ଷ ହୋଇପାରିବେ ନାହିଁ ବର୍ତ୍ତମାନ। ଅନ୍ୟ ଦଳମାନଙ୍କ ଅପେକ୍ଷା ବିଜେପି ନିର୍ବାଚନରେ ଅଧିକ ଆୟ କରିପାରିବ। କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି ଆସନ୍ତା ଏପ୍ରିଲ୍ ମାସ ପ୍ରଥମ ସପ୍ତାହରେ ନିର୍ବାଚନୀ ବଣ୍ଡ ବିକ୍ରି କରାଯିବାର ଥିଲା, କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ତାହା ଆଉ ବିକ୍ରି ହୋଇପାରିବ ନାହିଁ।

ବିଜେପି କେନ୍ଦ୍ରରେ ଶାସନକୁ ଆସିବା ପରଠାରୁ ଭାରତୀୟ ଉଦ୍ୟୋଗ ଜଗତ ଅଧିକ ଲାଭବାନ ହୋଇଛି। ଏକ ତଥ୍ୟ ଅନୁସାରେ ଭାରତର ଅଧିକ ଲାଭ କରୁଥିବା ୨୦ କମ୍ପାନୀ ୨୦୧୯ରେ ୭୦ ପ୍ରତିଶତରୁ ଅଧିକ ଲାଭ କମାଇଥିଲେ। ବିଜେପି ସହ କିଛି ଶିଳ୍ପପତିଙ୍କର ବନ୍ଧୁତା କାରଣରୁ ସେମାନେ ଅଧିକରୁ ଅଧିକ ଲାଭବାନ ହେଉଛନ୍ତି, ଯେଉଁଥିପାଇଁ ନିର୍ବାଚନୀ ବଣ୍ଡ ଆକାରରେ କୋଟି କୋଟି ଟଙ୍କା ଚାନ୍ଦା ଦେଉଛନ୍ତି। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେଉଁ କର୍ପୋରେଟ୍ ହାଉସ୍ ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଉଛନ୍ତି ସେମାନେ ପରୋକ୍ଷରେ ଆର୍ଥିକ ଲାଭ ପାଉଛନ୍ତି। ଏଣୁ ଦେଶର ଜନସାଧାରଣ ଏହି ଚାନ୍ଦା ବାବଦରେ ଜାଣିବା ଦରକାର ଯେ କେଉଁ କର୍ପୋରେଟ୍ ହାଉସ୍ କେଉଁ ରାଜନୈତିକ ଦଳକୁ କେତେ ଚାନ୍ଦା ଦେଇଛି ଓ କେତେ ଲାଭ ଉଠାଇଛି। ନିର୍ବାଚନୀ ବଣ୍ଡ ମାଧ୍ୟମରେ ଚାନ୍ଦାକୁ ଗୋପନୀୟ ରଖାଯାଉଥିଲା। ଏହି ଯୋଜନା ପ୍ରଣୟନ କଲାବେଳେ କେନ୍ଦ୍ର ସରକାର କହିଥିଲେ ଯେ, ଏହା ଫଳରେ କଳାଧନ ଉପରେ ଅଙ୍କୁଶ ଲାଗିବ। କିନ୍ତୁ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କ କଥାରେ ସହମତି ହେଇପାରି ନାହିଁ। ଖଣ୍ଡପୀଠ କରିଛନ୍ତି ଯେ, କଳାଧନ ଉପରେ ଅଙ୍କୁଶ ଲଗାଇବା ପାଇଁ ଅନ୍ୟ ବିକଳ୍ପ ରହିଛି। କର୍ପୋରେଟ୍ ହାଉସ୍‌ମାନଙ୍କର ନେଣ ଦେଣ ସମ୍ପୂର୍ଣ୍ଣ ରୂପେ ବ୍ୟବସାୟିକ ହୋଇଥାଏ। ଏଣୁ ବ୍ୟକ୍ତି ଓ କର୍ପୋରେଟ୍ ହାଉସ୍‌କୁ ଏକା ବୋଲି କୁହାଯାଇପାରିବ ନାହିଁ। କୋର୍ଟ ସ୍ପଷ୍ଟ କହିଛନ୍ତି ଯେ, ଭୋଟର ଅଧିକାର ପାଇଁ ସୂଚନା ମିଳିବା ଅନିର୍ବାର୍ଯ୍ୟ। ମାନ୍ୟବର କୋର୍ଟଙ୍କ ନିଷ୍ପତ୍ତି ଐତିହାସିକ ନିଷ୍ପୟ, ତେବେ ଦେଖିବାର କଥା ଯେ, କୋର୍ଟଙ୍କ ରାୟ ପରେ ବିଜେପି କ'ଣ ଉପାୟ କରୁଛି, ସର୍ବୋପରି ସୁପ୍ରିମ୍‌କୋର୍ଟଙ୍କ ରାୟକୁ ମାନୁଛି କି ନାହିଁ? କୋର୍ଟଙ୍କ ରାୟ ସିଧାସଳଖ ଭାବେ ବିଜେପିର ସ୍ୱାର୍ଥହାନି କରୁଛି। ନିର୍ବାଚନୀ ବଣ୍ଡ ମାଧ୍ୟମରେ ଦେଶର ସବୁ ରାଜନୈତିକ ଦଳ ଲାଭବାନ ହେଉଥିଲେ, କିନ୍ତୁ ଏବେ କୋର୍ଟଙ୍କ ନିଷ୍ପତ୍ତି ବିଜେପିକୁ ଅଧିକ ଭାବେ ପ୍ରଭାବିତ କରିବ ନିଶ୍ଚୟ।


ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


# ପୁଣି ତେଜିଲା କୃଷକ ଆନ୍ଦୋଳନ



### କାଳି ଦାସ

ଭାରତ ଗୋଟିଏ କୃଷି ପ୍ରଧାନ ଦେଶ। ଜାମ୍ମୁ ଓ କାଶ୍ମୀର ଠାରୁ କନ୍ୟା କୁମାରୀ ଯାଏଁ ସବୁ ସ୍ଥାନ ରେ କୃଷି ଓ କୃଷକଙ୍କୁ ଉତ୍ପାଦନ କୁ ଆଧାର କରି ଆମେ ଆଗକୁ ବଢ଼ିଛୁ। କୃଷି ଓ କୃଷକ ଜନିତ ଆମଦାନୀକୁ ଆଧାର କରି ଆମର ପର୍ବପର୍ବାଣି। ଆଜି ଭାରତର କୃଷକ ନିଜର ପ୍ରାପ୍ୟ ବା ହକ ପାଇଁ ଆନ୍ଦୋଳନ କରିବା ପାଇଁ ଆଗଭର ହୋଇଛି।

କୃଷକ ହେଲା ଅନ୍ନଦାତା।ଆମର ଖାଇବା ଥାଳୀ ରେ କେତେ କୃଷକଙ୍କ ଝାଳ ବୁହା ପରିଶ୍ରମର ଗାଥା ଲେଖା ଯାଇଛି କିଏ ଜାଣେ। କୃଷକ ତାର ପରିଶ୍ରମର ପ୍ରକୃତ ପାରିଶ୍ରମିକ ପାଇ ପାରୁନାହିଁ। କୃଷକର ହତାଶା ବା କ୍ଷୟ କ୍ଷତି କୁ ନେଇ ଅନେକ କାହାଣୀ ଗଳ୍ପ ଓ ଉପନ୍ୟାସ ରଚନା କରାଯାଇଛି।

ପ୍ରେମଚାନ୍ଦଙ୍କ ଦ୍ୱାରା ରଚିତ "ପୁଷ କି ରାତ"ଏମିତି ଏକ କୃଷକର କାହାଣୀ।କୃଷି ରେ ହେଉଥିବା କ୍ଷୟ କ୍ଷତି କୁ ପୂରଣ କରି ନ ପାରି କୃଷକ ଶ୍ରମିକ ହେବାପାଇଁ ବାଧ ହୋଇଛି। ଆମେ ପ୍ରତିବର୍ଷ ଦେଖୁଛୁ ଅନେକ କୃଷକ କୃଷି ରେ ହୋଇଥିବା କ୍ଷତି ପାଇଁ ଆତ୍ମ ହତ୍ୟା କରୁଛନ୍ତି।ଚାଷି ଅକ୍ଳାନ୍ତ ପରିଶ୍ରମ କରି ଯେଉଁ ଫସଲ ଲଗାଇଥାଏ ତାହା ଯଦି ନଷ୍ଟ ହୁଏ ତାହେଲେ ତାକୁ ପୁରା କରିବା ପାଇଁ ଚାଷି ପାଖରେ ଅନ୍ୟ କୌଣସି ବିକଳ୍ପ ରହି ନଥାଏ ଅନେକ ସମୟ ରେ ଚାଷି ଋଣ କରି ଫସଲ ଲଗାଇଥାଏ।ଋଣ ସୁଝିବା ପାଇଁ ଚାଷି ପାଖରେ ସମର୍ଥ ନଥାଏ।ତେଣୁ ବାଧ ହୋଇ କୃଷକ ଆତ୍ମହତ୍ୟା କରେ।

ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ କହିଥିଲେ"ଜୟ ଜବାନ ଜୟ କିଶାନ" ଦେଶର ସୀମନ୍ତ ରେ ଠିଆ ହୋଇ ନିଜ ପ୍ରାଣବଳି ଦେଇ ଦେଶକୁ ସୁରକ୍ଷା ଦିଏ ଜବାନ,ଦେଶର ଅଗଣିତ ଜନତାଙ୍କ ପେଟ କୁ ପୁରା କରେ କିଶାନ। ଜବାନରର ଯୁଦ୍ଧ ଦେଶର ଶତ୍ରୁ,ସହିତ କିଶାନର ଯୁଦ୍ଧ କ୍ଷୁଧା ସହିତ।

ଆଜିର କୃଷକ ସରକାରଙ୍କ ନୀତି କୁ ନେଇ ଚିନ୍ତିତ। ବ୍ରିଟିଶ ସରକାର ଯେତେବେଳେ ଚାଷୀଙ୍କୁ "କେସକ୍ରପ " ବା ଯାହା ବିକିଲେ ପଇସା ମିଳିବ ସେପ୍ରକାର ଫସଲ ଉତ୍ପାଦନ କରିବା କୁ ବାଧ କରୁଥିଲେ ସେତେବେଳେ ଖାଦ୍ୟ ଦ୍ରବ୍ୟ ଉତ୍ପାଦନ ହେଉନଥିଲା ଏହାଦ୍ୱାରା ଦେଶରେ ଖାଦ୍ୟ ଅଭାବ ପଡୁଥିଲା।

ଆମ ଦେଶ ରେ କୃଷକ ମାନେ ସବୁବେଳେ ବିଭିର୍ନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଯେମିତି କି ଅନିୟମିତବର୍ଷା, ଫସଲ ନଷ୍ଟ,ମରୁଡି ଇତ୍ୟାଦି, ଜଳବାୟୁର ପରିବର୍ତ୍ତନ ଓ ଋତୁ ଚକ୍ରର ପରିବର୍ତ୍ତାନ ନୂଆ ନୂଆ ସାମସ୍ୟା କୁ ଜନ୍ମ ଦେଉଛି। କୃଷକ ମାନେ ବର୍ଷ ବର୍ଷ ଧରି ନିଜ ଚାଷ ଜମିରେ କାମ କରି ନିଜ ପରିବାରର ଭରଣ ପୋଷଣ କରୁଛନ୍ତି କିନ୍ତୁ ଦୁଃଖର ବିଷୟ ହେଲା ଯେ କୃଷକ ମାନଙ୍କୁ ସେମାନଙ୍କୁ ନିଜ ଆମଦାନୀ ବା ଉତ୍ପାଦନର ମାତ୍ର ୨୦% ମିଳୁଛି ଯେତେବେଳେ ବ୍ୟବସାୟୀଙ୍କୁ ଚାଷିର ଉତ୍ପାଦନର ୮୦% ମିଳୁଛି ।

୨୦୨୦ ରେ କେନ୍ଦ୍ର ସରକାରଙ୍କ ତରଫରୁ ତିନୋଟି କୃଷି ଆଇନ ଅଣାଯାଇଥିଲା।ସେହି ଆଇନ କୁ ପ୍ରତିହାର କରିବା ପାଇଁ ଭାରତର ରାଜଧାନୀ ନୂଆ ଦିଲ୍ଲୀରେ ବିଭିର୍ନ୍ନ ରାଜ୍ୟ ରୁ କୃଷକ ମାନେ ଆସି ଆନ୍ଦୋଳନ କରିଥିଲେ।କୃଷକ ଆନ୍ଦୋଳନ ସମର୍ଥନରେ ବହୁ ରାଜନୈତିକ ଦଳ ଆସିଥିଲେ।

କୃଷକ ଆନ୍ଦୋଳନ ଚାଲି ଥିବା ସମୟ ରେ ଅନେକ କୃଷକଙ୍କ ଉପରେ ଦିଲ୍ଲୀ ପୋଲିସ କର୍ମୀଙ୍କ ଦ୍ୱାରା ଟିଏର ଗ୍ୟାସ ଛଡ଼ାଯାଇଥିଲା ଏବଂ କୃଷକଙ୍କୁ ଗିରଫ ମଧ୍ୟ କରାଯାଇଥିଲା।କୃଷକଙ୍କ ଆନ୍ଦୋଳନ ବର୍ଷ ବର୍ଷ ଧରି ଚାଲିଥିଲା। ସରକାରଙ୍କ ଉପରେ ଚାପ ପଡିଥିଲା ଏବଂ ତିନୋଟି ବେଆଇନ କୃଷି ଆଇନକୁ ସରକାରଙ୍କୁ ପ୍ରତିହାର କରିବାକୁ ପଡିଥିଲା। କୃଷକଙ୍କ ଦାବି ମଧ୍ୟ ସରକାରଙ୍କୁ ମାନିବାକୁ ପଡିଥିଲା ଗିରଫ ହୋଇଥିବା କୃଷକଙ୍କୁ ସରକାରଙ୍କୁ ଛାଡିବାକୁ ପଡିଥିଲା। ସରକାର କୃଷକଙ୍କ ଦାବି ମାନିବା ପରେ କୃଷକ ମାନେ ଆନ୍ଦୋଳନ ରୁ ଓହୋରି ଯାଇଥିଲା । କୃଷକଙ୍କ ଅନେକ ଦାବୀ ରହିଛି ଯାହାକୁ ସେମାନେ ସରକାରଙ୍କ ଆଗରେ ଉପସ୍ତପନା କରିଛନ୍ତି।

କିଶାନ ୟୁନିଅନ ଓ ସରକାରଙ୍କ ଭିତରେ ଦୁଇ ରାଉଣ୍ଡ କଥା ବାର୍ତ୍ତା ହେଲା ପରେ ମଧ୍ୟ କୌଣସି ସିର୍ଦ୍ଧାନ୍ତ ରେ ସେମାନେ ପହଞ୍ଚି ପାରି ନାହାନ୍ତି। କୃଷକଙ୍କ (ଏମଏସପି )ଦାବୀ ନାର୍ଯ୍ୟ ଥିଲେ ମଧ୍ୟ ସରକାର ସେଥିପାଇଁ କମିଟି ଗଠନ କରିବା ପାଇଁ ଚାହିଁଛନ୍ତି।


(ଏମଏସପି) ବା ସର୍ବନିମ୍ନ ସମର୍ଥନ ମୂଲ୍ୟ ସମସ୍ତ ଫସଲ ପାଇଁ ଯଦି ସରକାର କିଣୁଛନ୍ତି ତାହେଲେ ଅନେକ ଚାଷି ଯେଉଁ ମାନେ ପରିବା ବା ଫଳ ଚାଷ କରୁଛନ୍ତି ମଧ୍ୟ ଏହା ଦ୍ୱାରା ଲାଭବାନ ହେବେ।

ଆମେ ଦେଖୁଛୁ ଟମାଟ ଆଦାୟ କରି ଚାଷି ନିଜ ଜମିରେ ନଷ୍ଟ କରିବା କାରଣ ଚାଷିଠାରୁ ବ୍ୟବସାୟୀ କେବଳ ଦୁଇଟଙ୍କା ମୂଲ୍ୟରେ ଟମାଟ କିଣୁଛନ୍ତି ତା ସହିତ ସହରକୁ ନେଇ ବିକ୍ରୀ କରିବା ପାଇଁ ଗାଡି ଭଡା ଚାଷିଙ୍କୁ ଅଧିକ ଦେବା କୁ ପଡୁଛି ।ଏ ଭିତରେ ଖାଉଟି ଚଢା ଦରରେ ଟମାଟ ବଜାରରୁ କିଣୁଛନ୍ତି।

ଜମି ଅଧିଗ୍ରହଣ ମଧ୍ୟ ଏକ ସମସ୍ୟା। ଚାଷିର ଭୟ ରହିଛି ଯେ ସରକାର ଆଗକୁ ନୂଆ ନିୟମ କରି ଚାଷ ଜମିକୁ ବଡ ବଡ ଶିଳ୍ପପତିଙ୍କୁ ହାତକୁ ଟେକି ଦେବେ ଏବଂ ଚାଷି କେବଳ ବେତନଭୋଗୀ ଏକ କର୍ମଚାରୀ ହୋଇ ରହିଯିବା ଏହି ସମସ୍ତ ସମସ୍ୟା କୁ ଆଖି ଆଗରେ ରଖି ଚାଷିମାନେ ସ୍ୱାମୀନାଥନ କମିଟିର ସୁପାରିସକୁ ଲାଗୁ କରିବା ପାଇଁ ସରକାରଙ୍କ ଠାରେ ଦାବୀ କରୁଛନ୍ତି।

୨୦୨୪ ହେଲା ନିର୍ବାଚନ ବର୍ଷ ତେଣୁ ନିର୍ବାଚନ ହେବା ପୂର୍ବରୁ କୃଷକ ମାନେ ପୁଣି ଥରେ ଆନ୍ଦୋଳନ କୁ ଓହ୍ଲାଇବାକୁ ବାଧ ହୋଇଛନ୍ତି।ବିଭିର୍ନ୍ନ ରାଜ୍ୟ ରୁ କୃଷକ ମାନେ ଆସି ଆନ୍ଦୋଳନ ରେ ଯୋଗ ଦେଇଛନ୍ତି।ସେହି ରାଜ୍ୟ ଗୁଡିକ ହେଲା ପଞ୍ଜାବ ,ହାରିୟାଣା ଏବଂ ଉତ୍ତର ପ୍ରଦେଶ। କୃଷକ ମାନଙ୍କୁ ଦିଲ୍ଲୀ ପ୍ରବେଶ ନ କରାଇବା ପାଇଁ ଦିଲ୍ଲୀ ପୋଲିସ ଏକସନ ମୋଡକୁ ଆସିଥିଲେ। କୃଷକଙ୍କ ମୁଖ୍ୟ ଦାବି ହେଲା ସର୍ବନିମ୍ନ ସାହାୟତା ସମର୍ଥନ, ଚାଷି ଋଣ ଛାଡ ଏବଂ ୬୦ ବର୍ଷ ରୁ ଉର୍ଦ୍ଧ କୃଷକ ଓ କୃଷି ଶ୍ରମିକଙ୍କୁ ମାସିକ ପେନସନ ୫୦୦୦ ଟଙ୍କା। କୃଷିରେ ବ୍ୟବହାର ହାଉଥିବା ବିଦ୍ୟୁତର ଦର କମ କରାଯାଉ ଏବଂ କୃଷି କାର୍ଯ୍ୟ ରେ ବ୍ୟବହାର ହେଉଥିବା ପିଡିଆ ବା ଫର୍ଟିଲାଇଜରର ଦର କମ କରାଯାଉ। କୃଷକଙ୍କ ଆନ୍ଦୋଳନ ରେ ଅନେକ ରାଜନୈତିକ ଦଳ ଯୋଗଦେଇଥିଲେ, ସେହି ରାଜନୈତିକ ଦଳ ଗୁଡିକ ହେଲେ କଂଗ୍ରେସ,ଆମ ଆଦାମୀ ପାର୍ଟି, ଫଓ୍ୱାର୍ଡ ବ୍ଲକ ସିପିଆଇ ଏବଂ କୃଷକ ସଂଗଠନ।


ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯


## ଆଜି କାଲିର ବାହାଘର

### ସତ୍ୟ ସିଂ ବାଗ



ବିବାହ ଦୁଇଟି ହୃଦୟ ମିଳନ
ନୁହଁଇ ସେହି ବଣିଜ ବେପାର
ସଭିଏଁ କରନ୍ତି ଯୌତୁକ ଆଶା
ଆଜି କାଲିର ବାହାଘର...

ସମୟେ ହେଉନାହିଁ ହୋମ ଯଜ୍ଞ
ଲୋକେ କହନ୍ତି ଦିନସାରା ଲଗନ
ନିମନ୍ତ୍ରଣରେ ଆଠଟାରେ ଭୋଜନ
ହେଲେ ଖାଇବାଟା ବାର ଆଗମନ!

ବର ବଧୂଙ୍କୁ ଆଶ୍ରିବାଦ ଦେବା ଭୁଲି
କେତେ ଟଙ୍କା ଦେବ ତାହାର ଚିନ୍ତା
ଭୂଜି ଭାତ କେମିତି ଅଧିକା ମିଳିବ
ସେଥିରେ ଝରଇ ତା ସ୍ନେହ ମମତା !

ଝିଅ ସିଖୁଅଛି କେମିତି କାନ୍ଦିବ ଯେ
ଖରାପ ନ ହେଉ ମେକପ ଲୁହରେ
ଭଲ ଭାବେ ଯଦି କାନ୍ଦି ନ ଜାଣଇ
କଣ କହିବେ ଲୋକେ ବିବାହରେ !

ବାହା ଘରେ ଆଗ ମଦ ଦରକାର
ନହେଲେ କୌଣସି କାର୍ଯ୍ୟ ହୁଏନା
ମଦ ପିଇ ଦେଲେ ବାହାରଇ ପଦ
କେତେ ଦେଖିବାକୁ ମିଳେ ବାହାନା!


ଗ୍ରା /ପୋ - ତେରେସିଂହା
ଭାୟା - ରିସିଡ଼ା
ଜି - କଳାହାଣ୍ଡି
ପିନ - ୭୬୬୦୩୧
ମୋ : ୬୩୫୩୩୭୪୫୦୯


## ବାଣପୁର ମାଟି

### ବିଶ୍ୱବିଜୟୀ ଦାଶ



ଏ ବରପୁତ୍ର ମାଟି ବାଣପୁର ମାଟିରେ
ଏହି ପୀଠେ ବିଜେ ମା' ଭଗବତୀ।
ଶାଳିଆର କୂଳେ କେତକୀ ଗହଳେ
ମନସୁଖେ ଭୋଳେ ଦୁର୍ଗତୀ ନାଶିନୀ
ମଙ୍ଗଳ ଦାୟିନୀ ବସିଛି ଦେଉଳେ।
ବିପ୍ଲବୀ ପାଇଁଶାଣୀ ବୀର ଶିରୋମଣି
ଦେଶ ଭାଇ ପାଇଁ ହୋଇଣ ଅଗ୍ରଣୀ
ଲଢ଼ିଲେ ଫିରଙ୍ଗୀ ଫଉଜଙ୍କ ସଙ୍ଗେ
ଆଣ୍ଡାମାନ ଗଲେ କଳାପାଣି।
ଏ ବାଣପୁରର ସୁଯୋଗ୍ୟ ସନ୍ତାନ ଦୁଇ
ଗୋଦାବରୀଶ ପଣ୍ଡିତ ପ୍ରଧାନ
ଉଜ୍ଜ୍ୱଳ ଭାସ୍କର ପ୍ରାୟ ତେଜସ୍କର
ରାଜନୀତିରେ ବିଜ୍ଞ ଅଟନ୍ତିରେ।
ଏ ବାଣପୁର ମାଟିର ସୁପୁତ୍ର ପର୍ଶୁରାମ
ସମାଜସେବା ପାଇଁ ଆସିଲେ ଆଗେଇ,
ଏ ମାଟିରେ ସାହିତ୍ୟ ଓ ନାଟ୍ୟ ଜଗତକୁ
ଦେଇଥିଲ ଏକ ନୂତନ ଦିଗା।
ଏ ମାଟିର ପାଇକ କବି କୃଷ୍ଣଚନ୍ଦ୍ର
ତୁମ ଲେଖନୀ ନିସୃତ କବିତା ମାନ
ଓଡ଼ିଆ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ।
ଏ ମାଟିର ସୁପୁତ୍ର ଶଶୀଭୂଷଣ
ଶିକ୍ଷାର ବିକାଶ ପାଇଁ ନେଇଥିଲ ବଜ୍ର ଶପଥ
ବାଣପୁର ବ୍ଲକର ଅଧକ୍ଷ ଓ ଖୋର୍ଦ୍ଧା ସମବାୟ ବ୍ୟାଙ୍କର
ସଭାପତି ହୋଇଣ, କରିଥିଲ ବିକାଶ
ତୁମ ଜନସେବା ସ୍ମରଣ କରନ୍ତି ଆଜିର ଯୁବପୀଢ଼ି।
ବାଣପୁର ମାଟି ଟେକଟାଣ ବଡ଼
ଗୋରା ବନ୍ଧନୁ ଲଭି ମୁକତିରେ
ପଞ୍ଚୁଦୋଳ ଯାତ୍ରା ଠାକୁରଙ୍କ ମେଳ
ଏ ବାଣପୁର ମାଟିରେ।
ଏସିଆ ମହାଦେଶର ସର୍ବବୃହତ୍ତ ଶାଳଶାଗୁଆନ ଜଙ୍ଗଲ,
ଅବସ୍ଥିତ ଦାମିଆ ବରବରା ଏହି ବାଣପୁର ମାଟିରେ।
ବାଣପୁର ଶୀର ମରାଳ ମାଳିନୀ
ନୀଳାମ୍ବୁ ଚିଲିକା ମନନିଏ ହରି
ବାଣପୁରେ ଉପସ୍ଥିତ ହେଲେ
ପ୍ରଭୁ ଶ୍ରୀ ରଙ୍କନାଥ ଚତୁର୍ଦ୍ଧା ମୂର୍ତ୍ତିରେ
ବାଣପୁର ଶୋଭା ସୋଲରୀ,
ଭାଲେରୀ, ଘଣ୍ଟଶିଳା,ବଙ୍କାଡ଼ ।
ମା'ଭଗବତୀଙ୍କୁ ରହିଛି ଘେରି ତାଙ୍କରି ସ୍ମୃତିରେ।


ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮


## ପ୍ରେମର ପରିଭାଷା

### ଦିନେଶ ମେହେର

ତମେ କ'ଣ ଜାଣି ନଥିଲ
ଗଙ୍ଗଶିଉଳି ର ଆୟୁଷ,
କେବେ କଣ ଅବଗତ ହୋଇନଥିଲ
ଭଲପାଇବା ପଛରେ ରହିଥିବା
ବିଶ୍ୱାସ ପ୍ରତି;

ହଜାର ହଜାର ବର୍ଷ ପରେ ବି
ଚିର ସ୍ମରଣୀୟ ହେଇ ରହିଯାଇଥିବା
ଇତିହାସର ଗୁଡ଼ାଏ ଭଗ୍ନସ୍ତୁପ
ସେଇମିତି ରହି ଯାଇଛି,
ବିଶ୍ୱାସ ଟିକକ ଅଛି ବୋଲି ତ!

ଏଇଠୁ ତ ଜନ୍ମ ନିଏ 'ବିଶ୍ୱାସ'
ନିଜ ଉପରେ, ନିଜର ପାରିବାପଣ
ଉପରେ,
କେତେ ଯୁଗ ବିତିଯାଏ
ଜନ୍ମେଇବାକୁ ଏଇ ବିଶ୍ୱାସ,
ବେଳେ ବେଳେ ଜନ୍ମନିଏ
ଆପଣା ର ଆତ୍ମୀୟ ଭିତରେ ବି।

ଥରେ ଭାବିଲ
ଦୁନିଆର ରୀତି ନୀତି
ସବୁ ତ ବାନ୍ଧି ହୋଇପାରିଛି ଏଇ
ବିଶ୍ୱାସ ବଳରେ,
ତ୍ରେତୟା ଯୁଗ
ଅବା ଦ୍ୱାପର ଯୁଗ,
ମହାଭାରତର ପଶା ଖେଳ ଅବା
ଚଉଦ ବର୍ଷର ଅଜ୍ଞାତ ବାସ
ସବୁଠି ତ ସର୍ବୋଚ୍ଚ ସ୍ଥାନରେ ରହି
ଆସିଛି !

ଏଇତ ଆରମ୍ଭ ହୁଏ ଆମ ପ୍ରେମ,
ପହିଲି ଫଗୁଣ ସ୍ପର୍ଶରେ
ପାହାନ୍ତିଆ ଅଜଣା ଫୁଲର ବାସ୍ନାରେ
ମହୁର ମିଠାପଣରେ
ସବୁଠି ତ ହଜିଯାଉ ଆମେ
ହଜିଯାଏ ଆମ ଅସ୍ତିତ୍ୱ,
ଖୋଜିଲେ ବି ପାଇ ପାରୁନା
ହଜେଇ ଦେଇଥିବା ଆମ ପ୍ରେମର
ପରିସୀମା, ଥରେ ଭାବିଲ
ଏଇ ବନ୍ଧନ ଯେ ଏତେ ଦିନର,
ଏତେ ବର୍ଷର
ତଥାପି ଶଙ୍ଖଚୁଡ଼ ଭଳି
ଏତେ ମଜଭୁତ ହେବା ପଛର
କାରଣ କ'ଣ ହେଇପାରେ ?


ପଳାସ,କଳାହାଣ୍ଡି

# ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଉଭୟ ପାଇଁ ଜରୁରୀ ସବୁଜ ଚା’



ସବୁଜ ଚା’(ଗ୍ରିନ୍‌ଟି) ପିଇବାର ଉପକାରିତା ବିଷୟରେ ଅଳ୍ପ ବହୁତ ସମସ୍ତେ ଜାଣନ୍ତି। ଭାରତୀୟମାନେ ପିଉଥିବା ବିଭିନ୍ନ ରକମର ଚା’ ମଧ୍ୟରେ ବୋଧହୁଏ ଦ୍ୱିତୀୟ ସ୍ଥାନରେ ରହିଛି ଗ୍ରିନ୍ ଟି। ଏହା ଲୋକେ ସଉକ ପାଇଁ କମ୍, ନିଜ ସ୍ୱାସ୍ଥ୍ୟ ପାଇଁ ଅଧିକ ପିଇଥାନ୍ତି। ନିକଟରେ ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଗ୍ରିନ୍‌ଟିରେ ଗୋଟିଏ ପ୍ରକାରର ଭଲ ଗୁଣ ନୁହେଁ, ରହିଛି ଅଜସ୍ର ଉପକାରୀ ଗୁଣ।

: ଗ୍ରିନ ଟି ମସ୍ତିଷ୍କକୁ ସକ୍ରିୟ ରଖିବାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କଫିରେ ଯେତେ ପରିମାଣର କ୍ୟାଫିନ୍ ଥାଏ ଗ୍ରିନ୍ ଟିରେ ସେତେ ପରିମାଣର କ୍ୟାଫିନ୍ ନଥାଏ। ତେଣୁ ଏହା ଦେହ ପାଇଁ ଖୁବ୍ ଭଲ ହୋଇଥାଏ।

: ଶରୀରରେ ବଢ଼ିଥିବା ଅଯଥା ମାଂସକୁ ଗ୍ରିନ୍ ଟି ପିଇବା ଦ୍ୱାରା ନିୟନ୍ତ୍ରଣ କରାଯାଇ ପାରେ। ଦୈନନ୍ଦିନ ଗ୍ରିନ୍ ଟି ପିଇଲେ ଓଜନ ହ୍ରାସ ହୋଇଥାଏ।

: ସବୁବେଳେ ଗ୍ରିନ୍ ଟି ପିଉଥିବା ଲୋକଙ୍କ ଭିତରେ କର୍କଟ ସମସ୍ୟା ପ୍ରାୟତଃ କମ୍ ଦେଖାଯାଏ।

: କେବଳ କର୍କଟ କାହିଁକି, ହୃଦ୍‌ରୋଗକୁ ବି ଗ୍ରିନ୍ ଟି ପିଇବା ଦ୍ୱାରା ଆୟତ୍ତରେ ରଖାଯାଇପାରେ ବୋଲି ଗବେଷକମାନେ କହିଛନ୍ତି।

: ତେବେ, ମଧୁମେହ ରୋଗୀଙ୍କ ପାଇଁ ତ ଏହା ଅବ୍ୟର୍ଥ ଔଷଧ। ଗ୍ରିନ ଟି ପିଇବା ଦ୍ୱାରା ରକ୍ତରେ ଶର୍କରା ଭାଗକୁ ଆୟତ୍ତରେ ରଖାଯାଇପାରେ।

: ସ୍ୱାସ୍ଥ୍ୟଗତ ଉପକାରିତାକୁ ବାଦ୍ ଦେଲେ ଗ୍ରିନ୍ ଟି ପିଇବା ଦ୍ୱାରା ସୌନ୍ଦର୍ଯ୍ୟ ବି ବୃଦ୍ଧି ହୋଇଥାଏ।

# ହିମୋଗ୍ଲୋବିନ ଅଭାବରୁ ହୋଇଥାଏ ଏହି ସମସ୍ୟା; କିପରି ଦୂର କରିବେ ଜାଣନ୍ତୁ



ଶରୀରକୁ ସୁସ୍ଥ ରଖିବା ସହ ସମସ୍ତ ଅଙ୍ଗକୁ ଅମ୍ଳଜାନ ବିତରଣ କରିଥାଏ ହିମୋଗ୍ଲୋବିନ। ହିମୋଗ୍ଲୋବିନ ସ୍ତର କମିଗଲେ ଶରୀର ଶକ୍ତିଶୂନ୍ୟ ହୋଇଯାଏ, ଫଳରେ ଖୁବ୍ ଥକ୍କା ସହ ଦୁର୍ବଳ ଲାଗେ। ଏହି କାରଣରୁ ଜଣେ ବ୍ୟକ୍ତି ଦୈନନ୍ଦିନ କାର୍ଯ୍ୟ କରିବାକୁ ଅକ୍ଷମ ହୁଅନ୍ତି। ସ୍ୱାସ୍ଥ୍ୟ ପାଇଁ ହିମୋଗ୍ଲୋବିନର ଆବଶ୍ୟକତା କେତେ ଏବଂ କିପରି ଏହାର ଅଭାବକୁ ଦୂର କରିବେ, ଜାଣନ୍ତୁ...

**ହିମୋଗ୍ଲୋବିନର ସଠିକ୍ ସ୍ତର କେତେ ?**

ପୁରୁଷଙ୍କ ଶରୀରରେ ହିମୋଗ୍ଲୋବିନ୍ ୧୩.୫ରୁ ୧୭.୫ ମଧ୍ୟରେ ରହିବା ଉଚିତ୍। ସେହିପରି ମହିଳାଙ୍କ ଶରୀରରେ ୧୨ରୁ ୧୫.୫ ମଧ୍ୟରେ ରହିଲେ ସୁସ୍ଥ ବୋଲି ବିବେଚନା କରାଯାଏ। ଯଦି ହିମୋଗ୍ଲୋବିନ ପରିମାଣ ଏହି ସ୍ତରରୁ ହ୍ରାସ ହୁଏ, ତେବେ ସ୍ୱାସ୍ଥ୍ୟର ଯତ୍ନ ନେବା ନିହାତି ଆବଶ୍ୟକ। ଖାଦ୍ୟ ଏବଂ କେତେକ ଘରୋଇ ଉପଚାର ମାଧ୍ୟମରେ ହିମୋଗ୍ଲୋବିନ ବୃଦ୍ଧି କରାଯାଇ ପାରିବ।

**ଆଇରନ ଯୁକ୍ତ ଖାଦ୍ୟ**

ଯଦି ଶରୀରରେ ହିମୋଗ୍ଲୋବିନ୍ ଅଭାବ ଥାଏ, ତେବେ ଖାଦ୍ୟରେ ଆଇରନ ଯୁକ୍ତ ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ। ଆଇରନ୍ ପାଇଁ ସବୁଜ ପତ୍ରଯୁକ୍ତ ପନିପରିବା ଖାଆନ୍ତୁ। ବିଟ୍, ଆପଲ୍, ଗୁଡ଼, ପାଳଙ୍ଗ, ଦୁଗ୍ଧଜାତୀୟ ଖାଦ୍ୟ, ଜୁସ୍, ମାଂସରେ ଆଇରନ୍ ରହିଥାଏ।

**ଭିଟାମିନ୍ ସିରେ ଭରପୂର ଖାଦ୍ୟ**

ହିମୋଗ୍ଲୋବିନ୍ ବୃଦ୍ଧି ପାଇଁ ଆଇରନ୍ ସହ ଭିଟାମିନ୍-ସି ଥିବା ଖାଦ୍ୟ ଖାଇପାରିବେ। ଭିଟାମିନ୍-ସି ହିମୋଗ୍ଲୋବିନ ବୃଦ୍ଧି କରିଥାଏ। ଏଥିପାଇଁ ଖାଦ୍ୟରେ ଖଟା ଫଳ ଏବଂ ଜୁସ ଅନ୍ତର୍ଭୁକ୍ତ କରନ୍ତୁ। ଭିଟାମିନ୍-ସି ପାଇଁ କମଳା, ଲେମ୍ବୁ, ଅମୃତଭଣ୍ଡା ଏବଂ ଅନ୍ୟାନ୍ୟ ଫଳ ଏବଂ ପନିପରିବା ଖାଆନ୍ତୁ। ଭିଟାମିନ୍-ସି ସପ୍ଲିମେଣ୍ଟ ମଧ୍ୟ ଖାଇପାରିବେ।

**ଭିଟାମିନ୍ ଇ୧୨, ଇ୬ ଏବଂ ଫୋଲେଟ୍**

ହିମୋଗ୍ଲୋବିନ୍ ବୃଦ୍ଧି ପାଇଁ ଭିଟାମିନ୍ ଇ୧୨, ଭିଟାମିନ୍ ଇ୬ ଏବଂ ଫୋଲେଟରେ ଭରପୂର ଥିବା ଖାଦ୍ୟ ଗ୍ରହଣ କରନ୍ତୁ। ଏଥିପାଇଁ ପ୍ରତିଦିନ ସେଓ, କଦଳୀ, ଟମାଟୋ, ସ୍ପ୍ରାଉଟ୍ସ ଏବଂ ମସୁମ ଖାଆନ୍ତୁ।


**ନିୟମିତ ବ୍ୟାୟାମ କରନ୍ତୁ**

ବ୍ୟାୟାମ କରିବା ଫଳରେ ଶରୀରରେ ଅନେକ ସମସ୍ୟା ଦୂର ହୋଇଯାଏ। ବ୍ୟାୟାମ ଦ୍ୱାରା ଶରୀରର ପ୍ରତିଟି ଅଙ୍ଗକୁ ରକ୍ତ ସଞ୍ଚାଳନ ସହଜ ହୋଇଥାଏ। ହିମୋଗ୍ଲୋବିନ ବୃଦ୍ଧି କରିବାକୁ ହେଲେ ନିୟମିତ ଭାବରେ କିଛି ହାଲୁକା ବ୍ୟାୟାମ କରିବା ଉଚିତ୍।

**ଧୂମପାନ ଏବଂ ମଦ୍ୟପାନଠାରୁ ଦୂରେଇ ରୁହନ୍ତୁ**

ଯଦି ହିମୋଗ୍ଲୋବିନ ହ୍ରାସ ହେଉଛି, ତେବେ ସର୍ବପ୍ରଥମେ ଧୂମପାନ ଏବଂ ମଦ୍ୟପାନ ଅଭ୍ୟାସକୁ ରୋକନ୍ତୁ। ଏହି ଦୁଇଟି ଅଭ୍ୟାସ ଶରୀରରେ ଅନେକ ରୋଗ ସୃଷ୍ଟି କରିଥାଏ ଏବଂ ହିମୋଗ୍ଲୋବିନକୁ ମଧ୍ୟ ହ୍ରାସ କରିଥାଏ। ତେଣୁ ଉପଯୁକ୍ତ ଖାଦ୍ୟ ଓ ପନିପରିବା ଖାଇବା ସହ ଏହିପରି ଖରାପ ଅଭ୍ୟାସରୁ ଦୂରେଇ ରୁହନ୍ତୁ।

# ଅମରକଣ୍ଟକ



ଭାରତର ପବିତ୍ର ନଦୀମାନଙ୍କର ଅନ୍ୟତମ ଉଦ୍‌ଗମ ସ୍ଥଳ- ମଧ୍ୟପ୍ରଦେଶର ବିନ୍ଧ୍ୟପର୍ବତମାଳା, ସତପୁରା ପର୍ବତମାଳା ଓ ମୈକାଲ ପର୍ବତର ମିଳନ ସ୍ଥଳରେ ରହିଛି ଅମରକଣ୍ଟକ ଶିଖର। ତାହାକୁ ତୀର୍ଥମଣ୍ଡଳର ତୀର୍ଥରାଜ କୁହାଯାଏ। କାରଣ ଏହି ସ୍ଥାନ ଏକାଧାରରେ ଅଜସ୍ର ନଦୀର ଉଦ୍‌ଗମ ସ୍ଥଳ। ଏକାଧିକ ଝରଣା ଓ ସବୁଜ ବୃକ୍ଷଲତା ପରିଶୋଭିତ ହୋଇ ଅନେକ ତୀର୍ଥ ଓ ମନ୍ଦିରକୁ ଏହା ଗର୍ଭରେ ଧାରଣ କରିଛି। ସମୁଦ୍ର ପତ୍ତନଠାରୁ ଏହା ୧୦୬୭ ମିଟର ଉର୍ଦ୍ଧ୍ୱରେ ଅବସ୍ଥିତ। ପୁରାଣରେ ଏହାର ନାମ ମେକାଲ ଥିଲା। ସୂର୍ଯ୍ୟବଂଶୀ ରାଜା ମାନ୍ଧାତା ଏଠାରେ ମାନ୍ଧାତା ନଗରୀ ବସାଇଥିଲେ। ଅମରକଣ୍ଟକ ବା ଅମରକୂଟର ଅର୍ଥ ଚିରନ୍ତନ ନଗରୀ। ଏହା ଏକାଧାରରେ ପୁରାଣ ଓ ଇତିହାସର ମହାସଂଗମ ସ୍ଥଳୀ। କଥିତ ଅଛି, ଶିବଙ୍କ ଆଦେଶରେ ଶିବଙ୍କ କନ୍ୟା ନର୍ମଦା ଶିବଙ୍କ ଜଟାରୁ ଉତ୍ପନ୍ନ ହୋଇ ଏଠାରେ ପ୍ରବାହିତ। ତେଣୁ ଅମରକଣ୍ଟକ ନର୍ମଦାଙ୍କ ଉତ୍ପତ୍ତି ସ୍ଥଳ ଭାବରେ ବିଶେଷ ପ୍ରସିଦ୍ଧ। ଅମରକଣ୍ଟକର ଏକ ଗୁହା ମଧ୍ୟରୁ ଦୁଗ୍ଧଧାରା ଜଳପ୍ରପାତର ଉତ୍ପତ୍ତି। ଏହାର ଜଳର ରଙ୍ଗ ଦୁଗ୍ଧ ସଦୃଶ। ଏହାର କିଛି ଦୂରରେ ଧୂନିପାନି ପ୍ରବାହିତ। ଏହି ଝରଣାରୁ ଗରମ ପାଣି ନିର୍ଗତ ହୁଏ। ଅନେକ ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ ଅମରକଣ୍ଟକ ଭାରତର ଭୂସ୍ୱର୍ଗ ଭାବରେ ମଧ୍ୟ କଥିତ ହୋଇଥାଏ। ଏଠାରେ ରହିଛି ଦେବୀ ନର୍ମଦାଙ୍କର ମନ୍ଦିର। ଚାରିପାଖରେ ରହିଛି ଏକ ସୁନ୍ଦର ପ୍ରାକୃତିକ ଉଦ୍ୟାନ। କୁହାଯାଏ, ଦେବୀ ନର୍ମଦା ଏହି ବଗିଚାରୁ ପୁଷ୍ପଚୟନ କରି ଶିବ ଆରାଧନା କରିଥାନ୍ତି। ଏ ସ୍ଥାନର ନାମ ତେଣୁ ମାଇକା ବଗିଚା। ଏଠାରେ ଶିବଙ୍କର ଏକ ଦିବ୍ୟ ମନ୍ଦିର ରହିଛି। ଏହାର ନାମ ତ୍ରିମୁଖୀ ମନ୍ଦିର। ଏହାକୁ ଭାରତର ସର୍ବପୁରାତନ ମନ୍ଦିର କୁହାଯାଏ। ଅମରକଣ୍ଟକ ପର୍ବତର ଶିଖରରେ ଏହି ମନ୍ଦିର ଅବସ୍ଥିତ। ଏହାକୁ କାଳଚୁରୀ ବଂଶର ରାଜା କର୍ଣ୍ଣଦେବ ମହାଚନ୍ଦ୍ର ନିର୍ମାଣ କରିଥିବାରୁ ଏହାକୁ କର୍ଣ୍ଣ ମନ୍ଦିର ମଧ୍ୟ କୁହାଯାଏ। ଏହି ମନ୍ଦିରର ଗଠନ ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର। କାରଣ ଏହାର ପୋଟଳର ଉପରି ଭାଗ ଶିବଙ୍କର ତିନୋଟି ମୁଖର ସଂଯୋଗରେ ନିର୍ମିତ। ଶ୍ରୀଯନ୍ତ୍ର ମନ୍ଦିର ମଧ୍ୟ ଅମରକଣ୍ଟକର ଏକ ମୁଖ୍ୟ ତୀର୍ଥସ୍ଥଳ। ଏହାର ପ୍ରବେଶ ପଥରେ ଲକ୍ଷ୍ମୀ, ସରସ୍ୱତୀ, କାଳୀ ଓ ଭୁବନେଶ୍ୱରୀଙ୍କର ମସ୍ତକ ରହିଛି। ଏହି ମନ୍ଦିରର ଆକାର ଶ୍ରୀଯନ୍ତ୍ର ସଦୃଶ। ଗଣେଶ ଓ କାର୍ତ୍ତିକଙ୍କ ସହିତ ମନ୍ଦିରରେ ରହିଛି ଚଉଷଠି ଯୋଗିନୀଙ୍କ ମୂର୍ତ୍ତି। ନିକଟରେ ଅଛି ସୋନାକ୍ଷୀ ଶକ୍ତିପୀଠ। ଅମରକଣ୍ଟକରେ ଯୋହିଲା ନଦୀର ଉଦ୍‌ଗମ ସ୍ଥଳରେ ରହିଛି ଜଳେଶ୍ୱର ମନ୍ଦିର। ଏହାକୁ ପୁରାଣରେ ମହାମେରୁ ନାମରେ ଚିହ୍ନିତ କରାଯାଇଛି। ଭୃଗୁ, କମଣ୍ଡଳ, ମତ୍ସ୍ୟେନ୍ଦ୍ରନାଥ, ପାତାଳେଶ୍ୱର, କୈଳାସ ନାରାୟଣ, ମୃତ୍ୟୁଞ୍ଜୟ ଆଶ୍ରମ, ଜୈନ ମନ୍ଦିର ପରି ଅସଂଖ୍ୟ ମନ୍ଦିର ଓ ଆଶ୍ରମ ମଧ୍ୟ ଏଠାରେ ରହିଛି। ଏଠାର ଏକ ମହାନ ସ୍ମୃତିସ୍ଥଳ ହେଉଛି କବୀର ଚଉତରା। କଥିତ ଅଛି, ସନ୍ଥ କବୀର ଏଠାରେ ବହୁଦିନ ଧରି ସାଧନା କରିଥିଲେ। ଏହା ମଧ୍ୟ କୁହାଯାଏ, ଯେ କପିଳଧାରା ନିକଟରେ କପିଳ ମୁନି ବାରବର୍ଷ ଧରି ତପସ୍ୟା କରିଥିଲେ। ଅମରକଣ୍ଟକର ଏକ ଗୁହା ମଧ୍ୟରୁ ଦୁଗ୍ଧଧାରା ଜଳପ୍ରପାତର ଉତ୍ପତ୍ତି। ଏହାର ଜଳର ରଙ୍ଗ ଦୁଗ୍ଧ ସଦୃଶ। ଏହାର କିଛି ଦୂରରେ ଧୂନିପାନି ପ୍ରବାହିତ। ଏହି ଝରଣାରୁ ଗରମ ପାଣି ନିର୍ଗତ ହୁଏ। ଅନେକ ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ ଅମରକଣ୍ଟକ ଭାରତର ଭୂସ୍ୱର୍ଗ ଭାବରେ ମଧ୍ୟ କଥିତ ହୋଇଥାଏ।

# କେଶବତୀଙ୍କ ଗାଁ



ସବୁ ମହିଳା ଚାହାନ୍ତି ତାଙ୍କର କେଶ ଲମ୍ବା, କଳା ଓ ଘନ ହେଉ। କିନ୍ତୁ ପାରିପାର୍ଶ୍ୱିକ ପରିବେଶ, ଖାଦ୍ୟ ଓ ଜୀବନଶୈଳୀ କେଶ ସମସ୍ୟାର କାରଣ ହେଉଛି। କାହାର କେଶ ଝଡ଼ି ପତଳା ହୋଇଯାଉଛି ତ କିଏ ପୁଣି ଚନ୍ଦା। ଅନେକ ମହିଳାଙ୍କ କେଶ ବଢୁ ନ ଥିବା ମଧ୍ୟ ଦେଖାଯାଉଛି। କିନ୍ତୁ ଦୁନିଆରେ ଏମିତି ଏକ ଗାଁ ଅଛି ଯେଉଁଠି ପ୍ରତି ମହିଳାଙ୍କ କେଶର ଲମ୍ବ ୫ ରୁ ୬ ଫୁଟ। ଏଭଳି ଲମ୍ବା କେଶ ଯୋଗୁଁ ଏହି ଗାଁ ନିଜ ନାମରେ ଏକ ସ୍ୱତନ୍ତ୍ର ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ଦକ୍ଷିଣ ଚୀନ୍‌ରେ ରହିଛି ଏହି ଗ୍ରାମ। ଏହାର ନାମ ହେଉଛି ହୁଆଙ୍ଗଲୁଓ। ଏହା ଗୁଇଲିନ୍ ସହରଠାରୁ ମାତ୍ର ୨ ଘଣ୍ଟାର ରାସ୍ତା। ଯଦିଓ ଏହା ଏକ ସାଧାରଣ ଗାଁ ତଥାପି ଏହାର ବିଶେଷତ୍ୱ ହେଉଛି ଏଠାରେ ଥିବା ମହିଳାମାନଙ୍କର କେଶ ଖୁବ୍ ଲମ୍ବା। ଏଥିପାଇଁ ଏହି ଗାଁର ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ‘ଦୁନିଆର ଲମ୍ବା କେଶ ଗାଁ’ ଭାବରେ ସ୍ଥାନ ପାଇଛି। ରିପୋର୍ଟ ଅନୁଯାୟୀ, ଏଠାରେ ଥିବା ପ୍ରାୟ ମହିଳାଙ୍କର କେଶ ୫ ଫୁଟ ପର୍ଯ୍ୟନ୍ତ ଲମ୍ବା। ଏପରି କିଛି ମହିଳା ମଧ୍ୟ ଅଛନ୍ତି ଯାହାଙ୍କ କେଶ ୬ ଫୁଟ ଲମ୍ବା। ଆଉଟ୍‌ଲୁକ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ୨୦୦୪ ମସିହାରେ ଜଣେ ମହିଳାଙ୍କ କେଶର ଲମ୍ବ ୭ ଫୁଟ ବୋଲି ମାପ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଠାରେ ଥିବା ମହିଳାମାନଙ୍କର କେଶର ଓଜନ ୧ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କୁ ୟାଓ ମହିଳା ବୋଲି କୁହାଯାଏ। ଏଠାକାର ମହିଳାମାନେ ବିଶ୍ୱାସ କରନ୍ତି ଯେ, ସେମାନଙ୍କ ପୂର୍ବପୁରୁଷଙ୍କ ମଧ୍ୟରେ ‘କେଶ’ ଯୋଗାଯୋଗର ଏକ ମାଧ୍ୟମ। ଏଣୁ ସେମାନେ ତାଙ୍କ ପୂର୍ବପୁରୁଷମାନଙ୍କୁ ଖୁସି କରିବା ପାଇଁ କେବେ ବି କେଶ କାଟନ୍ତି ନାହିଁ। ଏଠାକାର ଲୋକମାନେ ମହିଳାଙ୍କ କେଶ ପାଇଁ ସ୍ୱତନ୍ତ୍ର ଧରଣ ସାମ୍ପୁ ମଧ୍ୟ ତିଆରି କରନ୍ତି। ଏହି ସାମ୍ପୁକୁ କେମିକାଲ୍ ବିନା କେବଳ ପ୍ରାକୃତିକ ଉପାଦାନରେ ତିଆରି କରାଯାଏ। ଏହାକୁ ଚା’, ପଶୁ ଲୋମ ଓ କେତେକ ଜଡ଼ିବୁଟି ମିଶ୍ରଣରେ ପ୍ରସ୍ତୁତ କରାଯାଏ। ରିପୋର୍ଟ ଅନୁଯାୟୀ, ଏଠାରେ ଥିବା ମହିଳାମାନେ ୧୭ କିମ୍ବା ୧୮ ବର୍ଷରେ ଥରେ କେଶ କାଟନ୍ତି। କିନ୍ତୁ ଏହି କେଶ ଏମିତି ସେମିତି ସେଲୁନ୍ କି ପାର୍ଲର ଯାଇ କଟାଯାଏ ନାହିଁ। କେଶ କାଟିବା ପାଇଁ ଏଠାରେ ଏକ ଉତ୍ସବ ପାଳନ କରାଯାଏ। ଏଥିରେ ଗାଁର ଅନ୍ୟ ଲୋକମାନେ ମଧ୍ୟ ସାମିଲ ହୁଅନ୍ତି। ଏହି ଉତ୍ସବରେ ଥରେ କେଶ କଟା ହେବା ପରେ ମହିଳାମାନେ ଆଉ କେବେ ବି କେଶ କାଟନ୍ତି ନାହିଁ।

# ବେଙ୍ଗ ଦେହରେ ଛତୁ



ଭାରତର ପଶ୍ଚିମଘାଟ ପର୍ବତମାଳାର ପାଦଦେଶରେ ଏକ ନିଆରା ଦୃଶ୍ୟ ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏକ ଚିତ୍ତାକର୍ଷକ ଆବିଷ୍କାର କ୍ରମେ ଏକ ବେଙ୍ଗ ଦେହରୁ ଛତୁ ଗଜୁରିବା ଦେଖିବାକୁ ମିଳିଛି। ବେଙ୍ଗ ପରି ଏକ ଜୀବନ୍ତ ଉଭୟଚର ପ୍ରାଣୀ ଦେହରୁ ପ୍ରଥମ ଥର ପାଇଁ ଏପରି ଛତୁ ବାହାରିବାର ଅସାଧାରଣ ବୈଶିଷ୍ଟ୍ୟ ବୈଜ୍ଞାନିକ ସମୁଦାୟକୁ ଆକର୍ଷିତ କରିଛି। ଗତ ବର୍ଷ ଜୁନ୍ ୧୯ରେ କର୍ଣ୍ଣାଟକର କର୍କଲା ଠାରେ ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି (ଡବଲ୍ୟୁଡବଲ୍ୟୁଏଫ୍)ର ବୈଜ୍ଞାନିକଙ୍କ ସହ ଭାରତୀୟ ଗବେଷକମାନେ ‘ରାଓସ୍ ଇଣ୍ଟରମିଡିଏଟ୍ ଗୋଲ୍‌ଡେନ୍ ବ୍ୟାକ୍‌ଡ ଫ୍ରଗ୍’ ନାମକ ଏହି ‘ହିଲାରିନା ଇଣ୍ଟର-ମିଡିଆ’ ପ୍ରଜାତିର ବେଙ୍ଗକୁ ଠାବ କରିଥିଲେ। ଏହି ପ୍ରଜାତିର ବେଙ୍ଗ ସାଧାରଣତଃ କର୍ଣ୍ଣାଟକ ଓ କେରଳର ପଶ୍ଚିମଘାଟ ଅନ୍ତର୍ଗତ ପାଲଘାଟ ଗ୍ୟାପ୍ ଉପରେ ପ୍ରଚୁର ପରିମାଣରେ ଦେଖାଯାଇଥା’ନ୍ତି। ଅନୁସନ୍ଧାନକାରୀମାନେ କର୍କଲାଠାରେ ଏକ ରାସ୍ତାକଡ଼ ଜଳାଶୟରେ ପାଖାପାଖି ୪୦ଟି ଏହି ପ୍ରକାରର ବେଙ୍ଗ ଦେଖିଥିଲେ। ସେମାନଙ୍କ ଭିତରୁ ଗୋଟିକର ବାମ ଜଙ୍ଘରେ ଏକ ଭିନ୍ନ ଧରଣର ଅଭିବୃଦ୍ଧି ହୋଇଥିବା ଦେଖାଯାଇଥିଲା। ତେବେ ନିକଟରୁ ନିରୀକ୍ଷଣ କଲା ପରେ ବେଙ୍ଗ ଜଙ୍ଘରୁ ଏକ ଛତୁ ଉଠିଥିବା ଜଣାପଡ଼ିଥିଲା। ଏପରି ଅସ୍ୱାଭାବିକ ପ୍ରତ୍ୟଙ୍ଗ ସତ୍ତ୍ୱେ ବେଙ୍ଗଟି ଜୀବିତ ଥିଲା ଏବଂ ଚଳପ୍ରଚଳ କରୁଥିଲା। ଅଣୁଉଦ୍ଭିଦବିଜ୍ଞାନୀଙ୍କ ଅନୁଧ୍ୟାନ ପରେ ଉକ୍ତ ଛତୁଟି ସାଧାରଣତଃ ଦଦରା କାଠଗଣ୍ଡି ଉପରେ ଉଠୁଥିବା ‘ବୋନେଟ୍’ ପ୍ରଜାତିର ଛତୁ ବୋଲି ଜଣାପଡ଼ିଥିଲା। ଏହି ଅନୁସନ୍ଧାନ, ପ୍ରାକୃତିକ ବାସସ୍ଥଳୀରେ ଉଭୟଚର ଓ କବକ (ଫଙ୍ଗସ) ମଧ୍ୟରେ ଥିବା ସମ୍ଭାବ୍ୟ ଘନିଷ୍ଠ ଶାରୀରିକ ସମ୍ପର୍କ ଏବଂ ପରିବେଶର ଗତିଶୀଳତା ବାବଦରେ ସଂଖ୍ୟାଧିକ ପ୍ରଶ୍ନ ଛିଡ଼ା କରାଇଛି। ପୂର୍ବରୁ ଏପରି ଘଟଣା ଦେଖାଯାଇନଥିବା ବେଳେ ମୌସୁମି ପ୍ରଭାବିତ ପଶ୍ଚିମଘାଟର ଆର୍ଦ୍ର ପରିବେଶ ଏପରି ଛତୁ ଉଠିବା ପାଇଁ ଖୋରାକ ଯୋଗାଇଥିବ ବୋଲି ଅନୁମାନ କରାଯାଉଛି।

# ଘରେ ତିଆରି କରନ୍ତୁ ଲସି

ଆବଶ୍ୟକ ସାମଗ୍ରୀ: ସିମେଇ, ଦହି, ବରଫ, ଚିନି, କଟା ଫଳ, ରୋଜ୍ ଏସେନ୍ସ, ଡ୍ରାଏ ଫ୍ରୁଟସ୍( କିସ୍‌ମିସ୍, କାଜୁ ଏବଂ ବାଦାମ) ଏବଂ ଆଇସ୍‌କ୍ରୀମ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ପ୍ୟାନ୍ ବସାଇ ସେଥିରେ ପାଣି ଗରମ କରନ୍ତୁ। ଏହା ପରେ ସେଥିରେ କଞ୍ଚା ସିମେଇ ପକାଇ ସିଝାନ୍ତୁ। କିଛି ସମୟ ଫୁଟିଲା ପରେ ସିମେଇ ସିଝିଯିବ। ଏହାପରେ ପାଣିରୁ ଛାଣି ସିମେଇକୁ ଏକ ପାତ୍ରରେ ରଖନ୍ତୁ। ଏହାକୁ ଥଣ୍ଡା ପାଣିରେ କିଛି ସମୟ ଭିଜାଇ ରଖନ୍ତୁ। ଏହି ପରି କଲେ ସିମେଇ ଲାଗିବ ନାହିଁ। ଏହା ପରେ ବସା ଦହି ନେଇ ସେଥିରେ ଆବଶ୍ୟକ ଅନୁସାରେ ଚିନି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ପରେ ରୋଜ୍ ଏସେନ୍ସ ପକାଇ ଆଉ ଥରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ଦୁଇଟି କାଚ ଗ୍ଲାସ୍ ନେଇ ସେଥିରେ ସିଝାଇ ରଖିଥିବା ସିମେଇ ପକାନ୍ତୁ। ପରେ ସେଥିରେ ଦହି ପକାନ୍ତୁ। ଅଧା ଦହି ପକାଇ ସେଥିରେ କଟା ହୋଇଥିବା ଫଳ ଗୁଡ଼ିକୁ ପକାଇ ବରଫ ପକାନ୍ତୁ। ଏହା ପରେ ପୁଣି ଦହି ପକାଇ ଗ୍ଲାସ୍ ଫୁଲ୍ କରି ଦିଅନ୍ତୁ। ଏପରି କଲା ପରେ ସେଥିରେ ନିଜ ପସନ୍ଦ ଅନୁସାରେ ଆଇସ୍‌କ୍ରୀମ୍ ପକାନ୍ତୁ। ଏହା ପରେ ସେଥିରେ ଡ୍ରାଏ ଫ୍ରୁଟସ୍‌କୁ ପକାଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଲସି।



# ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ଓ ସିଆରଏମ, ଏସଏସଏମ ଏବଂ ପିପି ଦଳ ସିନର୍ଜି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲକୁ ଉନ୍ନୀତ



ରାଉରକେଲା, ୨୦/୨ (ନି.ପ୍ର): ସିନର୍ଜି କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୪ରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ଓ ସିଆରଏମ, ଏସଏସଏମ ଏବଂ ପିପି ଦଳ ନିଜନିଜ ମ୍ୟାଚ ଜିଣି ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫେବୃଆରୀ ୧୯ ତାରିଖରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ସିଣ୍ଟର ଦଳକୁ ୪ ୱିକେଟରେ ପରାସ୍ତ କରିଥିଲା। ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ସିଣ୍ଟର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୦୫ ରନ ସ୍କୋର କରିଥିଲା। ଦଳ ପକ୍ଷରୁ ମୋହନ କୁମାର ଜେନା ୪୬ ଟି ବଲ ସମ୍ମୁଖୀନ ହୋଇ ୫୩ ରନରେ ଅପରାଜିତ ରହିଥିଲେ। ଏହାର ଉତ୍ତରରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ୧୪.୧ ଓଭରରେ ଆବଶ୍ୟକୀୟ ରନ ସଂଗ୍ରହ କରିନେଇଥିଲେ। ବିକାଶ ବିଶ୍ୱାଳଙ୍କୁ ୪୦ ରନ ସ୍କୋର କରିବା ତଥା ୨ଟି ୱିକେଟ ହାସଲ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦିନର ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ ମ୍ୟାଚ୍ ସିଆରଏମ, ଏସଏସଏମ ଏବଂ ପିପି ଦଳ ଓ କୋଲ ଆଣ୍ଡ କୋକ ଦଳ ମଧ୍ୟରେ ଖେଳାଯାଇଥିଲା। କୋଲ ଆଣ୍ଡ କୋକ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ୍ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା । ସିଆରଏମ, ଏସଏସଏମ ଏବଂ ପିପି ଦଳ ୧୨.୪ ଅଭରରେ ୨ ୱିକେଟ ହରାଇ ବିଜୟୀ ରନ ସଂଗ୍ରହ କରିଥିଲା। ଦଳର ଜ୍ୟୋତିର୍ମୟୀ ଗୟାନ ୪୦ ରନ୍ ସ୍କୋର ଓ ୪ଟି ୱିକେଟ ଦାଖଲ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ।

# ମାର୍ଗଦର୍ଶିକା ଆଧାରରେ ପରିଚାଳିତ ହେବ ନିର୍ବାଚନ

ପୁରୀ, ୨୦/୨ (ନି.ପ୍ର): ଚଳିତ ନିର୍ବାଚନକୁ ଶୂନ୍ୟ ସହନଶୀଳ ଭାବେ ପରିଚାଳନା ସହ କୌଣସି ଅବହେଳା କୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ କଡା ନିର୍ଦ୍ଦେଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଗଠିତ ବିବିଧ ଟିମ୍ ର ସଦସ୍ୟ ମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଦାଶ ନିର୍ବାଚନକୁ ପ୍ରଭାବିତ କରୁଥିବା କୌଣସି କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଟିମ ମାନଙ୍କର ଦାୟିତ୍ୱ ବୋଲି କହିଥିଲେ। ନିର୍ବାଚନ ସମୟରେ ସମସ୍ତ କର୍ମଚାରୀ ନିର୍ବାଚନ କମିଶନଙ୍କ ଅଧିନରେ କାର୍ଯ୍ୟରତ ଥାଆନ୍ତି। ତେଣୁ ନିଷ୍ଠା ଓ କମିଶନଙ୍କ ମାର୍ଗଦର୍ଶିକା ଅନୁସାରେ ଆମେ କାର୍ଯ୍ୟ କରିବା। ମାର୍ଗଦର୍ଶିକାକୁ ଭଲ ଭାବେ ପଢିବା ଓ ପରସ୍ପର ଟିମ ସହ ସମନ୍ୱୟ ରଖି ସୁଚାରୁରୂପେ ଓ ଶୃଙ୍ଖଳିତ ଭାବେ ନିର୍ବାଚନକୁ ପରିଚାଳନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଯୋଗଦେଇ ଆମ ଦେଶ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସୁନାମ ରହିଛି। ତେଣୁ ଗଣତନ୍ତ୍ରର ମହାପର୍ବ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହୋଇଥିବାରୁ ଏହାକୁ ନିଷ୍ଠାର ସହ ପାଳନ ପାଇଁ ଅନୁରୋଧ କରିଥିଲେ। ମାଷ୍ଟର ଟ୍ରେନର ଜିଏସଟିର ଯୁଗ୍ମ କମିଶନର ଡଃ. ପଦ୍ମଲୋଚନ ରାଉତ, ଜିଲ୍ଲା ଟ୍ରେଜେରୀ ଅଧିକାରୀ ମନ୍ମଥ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପିପିଲି ସବ ଟ୍ରେଜେରୀ ଅଫିସର ମମତା ସେଠୀ ସମସ୍ତ ଟିମ ର ଦାୟିତ୍ୱ, କର୍ତବ୍ୟ ଓ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ଦଳ ଓ ପ୍ରାର୍ଥୀ ମାନଙ୍କର ବିବିଧ ଖର୍ଚ୍ଚ ର ତଦାରଖ ଓ ଲିପିବଦ୍ଧ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ପ୍ରାରମ୍ଭରେ ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦେଶରେ ଚାକିରୀ କରାଇଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ : ୩ ଗିରଫ

ଗଞ୍ଜାମ, ୨୦/୨ (ନି.ପ୍ର): ବିଦେଶରେ ଚାକିରୀ କରାଇଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ । ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ଗୋଷାଣୀନୂଆଗାଁ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ସି.ଏଚ. ମୋହନ ରେଡ୍ଡୀ (୪୮), ପି. ସୀମାଚଂଳ (୪୦) ଏବଂ ଟି. ଡିଲେଶ୍ୱର ରାଓ (୩୫) । ଏମାନେ ଆନ୍ଧ୍ରପ୍ରଦେଶ ରାଜ୍ୟର ବୋଲି ଜଣାପଡିଛି । କେନିୟାରେ ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇ ଏମାନେ ୯୨ ଜଣଙ୍କ ଠାରୁ ୨୫ ହଜାର ଟଙ୍କା ଲେଖାଏଁ ଠକେଇ କରିଥିବା ଅଭିଯୋଗ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ୯୨ଟି ପାସପୋର୍ଟ, ଆବେଦନ ଫର୍ମ ଏବଂ ୨୦ଟି କେନିୟା ସରକାରଙ୍କ ଭିସା ଜବତ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି ।

## ଛଅ ଦଫା ଦାବିରେ ସମୁହ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଚମ୍ପୁଆ, ୨୦/୨ (ନି.ପ୍ର): ଛଅ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ରାଜସ୍ୱ ସେବା ଅଧିକାରୀ ସଂଘ ର ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଡ଼ାକରାରେ ଚମ୍ପୁଆ ତହସିଲ ର ସମସ୍ତ ଆର ଆଇ , ଏ ଆର ଆଇ ଓ ଆର ଏସ ମାନେ ଆଜି ଠାରୁ ଦାବୀ ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ସାମିଲ ହୋଇଥିବା ଜଣାପଡିଛି। କେନ୍ଦୁଝର ଜିଲ୍ଲା ଶାଖା ର ତତ୍ତ୍ୱାବଧାନ ରେ ଆଜି ଚମ୍ପୁଆ ସଂଘ ର ସମସ୍ତ ସଦସ୍ୟ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ସାମିଲ ହେବା ସହ ଚମ୍ପୁଆ ତହସିଲ ପରିସର ରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ । ବହୁ ଅବହେଳିତ ତଥା ପ୍ରତିକ୍ଷୀତ ନ୍ୟାର୍ଯ୍ୟ ଅଣ ଆର୍ଥିକ ଦାବୀ ଓଡିଆରଏସ କ୍ୟାଡ଼ର ର ପୁନଃ ସଂରଚନା ସମେତ ଛଅ ଦଫା ଦାବି ନେଇ ସଂଘ ପକ୍ଷରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଡ଼ାକରା ଦିଆଯାଇଛି। ଏହି ଆନ୍ଦୋଳନ ରେ ଆର ଆଇ ସମ୍ପଦ କୁମାର ପ୍ରଧାନ, ଚିନ୍ମୟ କୁମାର ମହାନ୍ତ, ରତିରମଣ ମହାନ୍ତ , ସାର୍ଥକ ସାରଥୀ ବାରିକ୍, ଶିବବ୍ରତ ନାୟକ , ଯୁଗଳ କିଶୋର ପାତ୍ର ଙ୍କ ସମେତ ଏ ଆର ଆଇ ଅଲେଖ ଚନ୍ଦ୍ର ମାଝୀ , ସସ୍ମିତା ମାଝୀ , ରାମେଶ୍ୱର ମାରାଣ୍ଡି , ଦେବାଶିଷ ପ୍ରସାଦ ମହାକୁଡ ଓ ଆର ଏସ ଶୁଭକାନ୍ତ କର ସାମିଲ ହୋଇଥିଲେ। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଡ଼ାକରା ଯୋଗୁ ଚମ୍ପୁଆ ତହସିଲ ରେ ରାଜସ୍ୱ ବିଭାଗ ର କାର୍ଯ୍ୟ ସମ୍ପୂର୍ଣ ଭାବେ ବାଧାପ୍ରାପ୍ତ ହୋଇଥିବା ବେଳେ ଦାବୀ ପୂରଣ ନ ହେବା ଯାଏଁ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ଜଣାପଡିଛି ।

# ରାଉରକେଲା ଇସ୍ପାତ କାରଖାନାରେ ଏଜିଏମ ରୂପେ କାର୍ଯ୍ୟରତ ଶ୍ରୀ ସମ୍ପଦ ମିଶ୍ର ବିଜିନେସ କୁଇଜ୍ 'ଉଡ଼ାନ'ରେ ଜାତୀୟ ଚମ୍ପିୟାନ୍



ରାଉରକେଲା , ୨୦/୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ରିଫ୍ରାକ୍ଟୋରିଜ ବିଭାଗରେ ଏଜିଏମ ରୂପେ କାର୍ଯ୍ୟରତ ଶ୍ରୀ ସମ୍ପଦ ମିଶ୍ର, ବିଜନେସ୍ କୁଇଜ୍ 'ଉଡାନ' ୨୦୨୩ରେ ଜାତୀୟ ଚାମ୍ପିୟନ ହୋଇଛନ୍ତି। ଆରଏସପି ଓ ବୋକରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ମନ୍ଥନ ସମ୍ମିଳନୀ କକ୍ଷଠାରେ ଫେବୃଆରୀ ୧୭ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ସିଜିଏମ ଆଇରନ ଶ୍ରୀ ବି ଆର ପଲାଇ ଏବଂ ବହୁ ଅନ୍ୟ ସିଜିଏମ୍ ତଥା ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ମିଶ୍ର ୨୦୨୩ ଡିସେମ୍ବର ୨୧ ତାରିଖରେ ଆୟୋଜିତ ହୋଇଥିବା ଇଷ୍ଟର୍ଣ୍ଣ ଜୋନାଲ ବିଜିନେସ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏବଂ ଗତ ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ଜାତୀୟ ଫାଇନାଲରେ ଚାମ୍ପିୟନଶିପ ଟାଇଟଲ ହାସଲ କରିଥିଲେ। ଏହି କୁଇଜ ଏମଟିଆଇ ରାଞ୍ଚି ଦ୍ୱାରା ଜାତୀୟ ଏଚଆରଡ଼ି ନେଟୱାର୍କ ରାଞ୍ଚି ଅଧ୍ୟାୟର ସହଭାଗିତାରେ ଆୟୋଜିତ ହୋଇଥିଲା।

ସେଲର ବିଭିନ୍ନ ପ୍ଲାଣ୍ଟ / ୟୁନିଟ୍ ତଥା ଦେଶର ଅନ୍ୟ କର୍ପୋରେଟ ମାନଙ୍କରୁ ୨୩୮ଜଣ ବ୍ୟକ୍ତି ଏଥିରେ ଅଂଶଗ୍ରହଣ ହୋଇଥିଲା । ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଥିବା ଶ୍ରେଷ୍ଠ ଆଠଟି ଦଳ ମଧ୍ୟରେ ଟିସିଏସ୍, ଏର୍ନଷ୍ଟ ଆଣ୍ଡ ୟଙ୍ଗ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଫୁଜିସୁ, ବାର୍କଲେସ୍, ଆରଆଇଏନଏଲ, କ୍ୟାପଯେମିନି ଏବଂ ସେଲ ଆରଏସପି ସାମିଲ ଥିଲା। କୁଇଜ୍ ସମ୍ପ୍ରତି ବ୍ୟବସାୟ / ପରିଚାଳନା ଧାରଣା, ମାର୍କେଟିଂ, ବ୍ରାଣ୍ଡ, ବ୍ୟବସାୟିକ ବ୍ୟକ୍ତିତ୍ୱ, ବିଜ୍ଞାପନ, ସାମ୍ପ୍ରତିକ ବ୍ୟବସାୟ ଇଭେଣ୍ଟ ଇତ୍ୟାଦି ଉପରେ ଆଧାରିତ ଥିଲା । ପ୍ରଖ୍ୟାତ କୁଇଜ୍ ମାଷ୍ଟର ଶ୍ରୀ ଅଜୟ ପୁନିଆ କୁଇଜ ସମ୍ପାଦନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଶ୍ରୀ ମିଶ୍ର ୨୦୧୪,୨୦୧୫,୨୦୧୬ ଏବଂ ୨୦୧୭ରେ ମଧ ଉଡ଼ାନ କୁଇଜ୍ ବିଜେତା ଥିଲେ। କୁଇଜ୍ ପାଇଁ ତାଙ୍କର ପ୍ରବଳ ଆଗ୍ରହ ତାଙ୍କୁ ସାରା ଦେଶରେ ସ୍ୱୀକୃତି ପ୍ରଦାନ କରିବା ସହିତ ରାଉରକେଲା ଇସ୍ପାତ କାରଖାନା ପାଇଁ ଗୌରବ ଆଣିଦେଇଛି।

# ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ

କେନ୍ଦ୍ରାପଡ଼ା, ୨୦/୨ (ନି.ପ୍ର): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ସମୂହ କାର୍ଯ୍ୟବନ୍ଦ ଅଆନ୍ଦୋଳନ କରାଯାଇଛି। ବହୁ ଅବହେଳିତ ଓ ପ୍ରତୀକ୍ଷିତ ନ୍ୟାୟ ଅଣଆର୍ଥିକ ଦାବି ଓଡ଼ିଆରଏସ୍ କ୍ୟାଡରର ପୁନଃ ସଂରଚନା ଦାବି ନେଇ ଜିଲ୍ଲା ସଭାପତି ଜାନକୀ ବଲ୍ଲଭ ପଣ୍ଡାଙ୍କ ନେତୃତ୍ୱରେ ଏକ ୬ ଦଫା ଦାବିପତ୍ର କେନ୍ଦ୍ରାପଡ଼ା ତହସିଲଦାର ତାପସ ଦେହୁରୀ ଓ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର(ରାଜସ୍ୱ)ଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ବିଓଆର୍ କଟକ ଦ୍ୱାରା ପ୍ରକାଶିତ ଜବଚାଟ୍‌ରେ ଧାର୍ଯ୍ୟ କରାଯାଇ ଥିବା କାର୍ଯ୍ୟସୂଚୀ ଅନୁସାରେ ରାଜସ୍ୱ ସୁପର ଭାଇଜର ପଦର ନାମକରଣର ଅତିରିକ୍ତ ତହସିଲଦାରଙ୍କୁ ପରିବର୍ତନ କରାଯାଇ ତଦାନୁସାରେ ୩:୧ ରାଜସ୍ୱ ମଣ୍ଡଳରେ ତହସିଲଗୁଡ଼ିକରେ ନିଯୁକ୍ତି କରାଯାଉ। ଓ.ଏ.ଏସ୍. ପାଇଁ ୨୫ ପ୍ରତିଶତ ପୋଷ୍ଟ ପଦୋନ୍ନତି ଯୋଗ୍ୟ। ରାଜସ୍ୱ ସୁପର ଭାଇଜର(ପ୍ରସ୍ତାବିତ ଅତିରିକ୍ତ ତହସିଲଦାର)ଙ୍କ ଦରମା, ସେବା କାର୍ଯ୍ୟ ଏବଂ ରାଜସ୍ୱ ପ୍ରଶାସନର ଅଭିଜ୍ଞତା ଉପରେ ଆଧାର କରି ପଦୋନ୍ନତି ପାଇଁ ସଂରକ୍ଷିତ ରଖାଯାଉ ଯେହେତୁ ଏହା ସେମାନଙ୍କର ନିଜସ୍ୱ କ୍ୟାଡର ଅଟେ। ୦୧.୦୧.୨୦୦୬ରୁ ଆର୍.ଆଇ.ଏ.ଆର୍.ଆଇ ଏବଂ ଆର୍.ଏସ୍.ର ବେତନ ବର୍ଦ୍ଧିତ ସ୍କେଲର ଧାର୍ଯ୍ୟ। ବିଜ୍ଞପ୍ତି ଅନୁଯାୟୀ ଆର୍.ଡି.ଏମ୍-ବି.ଆର୍.ସି.-ଏ.ଡି.ଏମ୍.ଏମ୍. ୦୦୧୪/୨୦୧୯/୮୫୨୬/ ଆର୍ ଆଣ୍ଡ ଡିଏମ୍ ୧୯.୦୨.୨୦୨୦ ଆଉଟ୍ ସୋରସିଂ ମାଧ୍ୟମରେ ରାଜସ୍ୱ ନୀରିକ୍ଷକ ମଣ୍ଡଳ ପାଇଁ ଗ୍ରୁପ ଡି ପୋଷ୍ଟ ଗୁଡ଼ିକ ପୂରଣ କରାଯାଉ ପ୍ରଭୃତି ୬ ଦଫା ଦାବିକୁ ନେଇ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

# ସହୀଦ୍ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୦/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସହୀଦ୍ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ କାର୍ଯ୍ୟକ୍ରମ ଜିଲ୍ଲା ଡମ୍ ସମାଜ ସଭାପତି ବଳରାମ ଅନୁଗୁଳିଆ ଙ୍କ ସଭାପତିତ୍ୱ ରେ ଆଜି ବାଲିମେଳା ଯାତ୍ରା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାବେଶରେ ମାଲକାନଗିରି ଜିଲ୍ଲାରେ ବସ ବାସ କରୁଥିବା ମାଲକାନଗିରି ଜିଲ୍ଲାର ସମସ୍ତ କୋଣ ଅନୁକୋଣରୁ ଆସିଥିବା ସହୀଦ୍ ନରସିଂ ଡମ୍ ସମାଜ ର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଉକ୍ତ ସଭାରେ କୋରାପୁଟ ଜିଲ୍ଲା ଡଙ୍ଗରିଆ ଡମ୍ ସମାଜର ଜିଲ୍ଲା ସଭାପତି ଜଗନ୍ନାଥ ପାଙ୍ଗି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଡମ୍ ମାନଙ୍କ ଇତିହାସ ଉପରେ ଆଲୋକପାତ କରିଥିଲେ । ବାଲିମେଳା ଏନ୍.ଏ. ସି ର ବରିଷ୍ଠ ବୁଦ୍ଧିଜୀବୀ ତଥା ସହୀଦ୍ ନରସିଂ ଡମ୍ ସମାଜ ର ଉପଦେଷ୍ଟା ରାଜେନ୍ଦ୍ର କୁଳଦୀପ ଉପସ୍ଥିତ ରହି ଡମ୍ ମାନଙ୍କୁ ଆଦିବାସୀ ମାନ୍ୟତା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ବରିଷ୍ଠ ସାମ୍ବାଦିକ ତଥା ନରସିଂ ଡମ୍ ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ତୋଷ ନାଗ ୧୯୪୫ ମସିହା ଗେଜେଟ୍ ଅନୁଯାଇ ପ୍ରକୃତରେ ଆମ୍ଭେ ମୂଳ ଆଦିବାସୀ ବୋଲି ଉଲ୍ଲେଖ ଥିବା ସମସ୍ତ ନଥି ପତ୍ର ଉପସ୍ଥାପନ କରିଥିଲେ । ପୁଣି ୨୦୧୭ ମସିହାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିର୍ଦ୍ଦେଶ କ୍ରମେ ୧୩ ଜଣ ଭାରତୀୟ ବିଭିନ ବର୍ଗର ପ୍ରଶାସକ ଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୫ଗୋଟି ଉପାଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ମୂଳ ଆଦିବାସୀ ମାନ୍ୟତା ପ୍ରଦାନ କରିବା ପାଇଁ ଲକୁର କମିସନ୍ (୧୯୬୫)କୁ୨ ଅନୁଶରଣ କରିମୂଳ ଆଦିବାସୀ ନିର୍ମାଣ କରିଥିବା ସମସ୍ତ ସରକାରୀ ଦସ୍ତାବିତ, ଏହାକୁ ସମର୍ଥନ କରି ଉପସ୍ଥିତ ଥିବା ସମସ୍ତ କାର୍ଯ୍ୟକର୍ତ୍ତା ମୂଳ ଆଦିବାସୀ ମାନ୍ୟତା ପାଇବା ପାଇଁ ସହମତି ପ୍ରକାଶ ପାଇଥିଲେ । ଆଜିର ଡମ୍ ସମାଜ ର କାର୍ଯ୍ୟକ୍ରମ ରେ ଦୁଇ ହଜାର ଉର୍ଦ୍ଧ୍ୱ ଡମ୍ ସମାଜ ର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଲକ୍ଷ୍ମୀ ବସ୍ ସେବାର ଉଦ୍ଘାଟନ

କନ୍ଧମାଳ, ୨୦/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ଲକ୍ଷ୍ମୀ ବସ୍ ସେବାର ଉଦ୍ଘାଟନ ଓ ଲୋକାର୍ପଣ ଉତ୍ସବରେ ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମ୍ ରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଗ୍ରାମାଞ୍ଚଳରେ ସ୍ଥାନୀୟ ଯାତାୟତ ସୁବିଧା ନିମନ୍ତେ ସରକାର ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି, ଯେଉଁଥିରେ ପଥଚାରୀ ପିଛା ସର୍ବାଧିକ ଭଡ଼ା ୫ ଟଙ୍କା ରହିଛି । ରାଜ୍ୟରେ ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ପରିର୍ବନ ଆଣିବା ଏହି ଯୋଜନାର ଲକ୍ଷ୍ୟ । ଆଜିର ଏହି ଉଦ୍ଘାଟନ ଓ ଲୋକାର୍ପଣ ଉତ୍ସବରେ ଉପ-ବାଚସ୍ପତି, ଓଡ଼ିଶା ବିଧାନସଭା ସାଲୁଗା ପ୍ରଧାନ, ମାନ୍ୟବର ସାଂସଦ, କନ୍ଧମାଳ ଡଃ. ଅଚ୍ୟୁତ ସାମନ୍ତ, ଅଧକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳ ରଦନ ମଲ୍ଲିକ, ବିଧାୟକ, ଫୁଲବାଣୀ ଅଙ୍ଗଦ କହଁର, ବିଧାୟକ, ବାଲିଗୁଡ଼ା ଚକ୍ରମଣି କହଁର, ମାନନୀୟ ଅଧକ୍ଷା, ଜିଲ୍ଲା ପରିଷଦ, କନ୍ଧମାଳ ସୁଶ୍ରୀ ନନ୍ଦିନୀ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ସମେତ ପ୍ରଶାସନିକ ଅଧିକାରୀ, ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ମିଶନ ଶକ୍ତି ମା''ଓ ଜନସାଧାରଣ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

ବିଧାୟକ, ବାଲିଗୁଡ଼ା ଚକ୍ରମଣି କହଁର କହିଲେ, କନ୍ଧମାଳବାସୀଙ୍କ ପାଇଁ ଆଜି ଏକ ଐତିହାସିକ ଦିନ । ଜିଲ୍ଲାରେ ଗମନାଗମନର ଅସୁବିଧାକୁ ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି । ଏହା ଏକ ଯୁଗାନ୍ତକାରୀ ଯୋଜନା କହିଲେ ଭୁଲ ହେବ ନାହିଁ କାରଣ ଜିଲ୍ଲାର ଲୋକମାନେ ଉପକୃତ ହେବା ସହିତ ଜିଲ୍ଲା ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ମଧ ବେଶ୍ ସହାୟକ ହେବ । ସେମାନେ ସ୍ୱଳ୍ପ ଖର୍ଚ୍ଚରେ ଜିଲ୍ଲା ସଦରମହକୁମା ଫୁଲବାଣୀରୁ ପର୍ଯ୍ୟଟନ ସ୍ଥଳୀକୁ ଯିବା ଆସିବା କରିପାରିବେ । ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆଜି ଲକ୍ଷ୍ମୀ ବସ୍ ଲୋକାର୍ପଣ ହୋଇଥିବାରୁ ସେ ଜିଲ୍ଲାବାସୀଙ୍କ ତରଫରୁ ନବୀନ ପଟ୍ଟନାୟକ ଏବଂ ଫାଇଭ- ଟି ଅଧକ୍ଷ ଭି.କେ ପାଣ୍ଡିଆନ୍ ଙ୍କୁ କୃତଜ୍ଞତା ଜଣାଇଥିଲେ । ସେହିପରି ସାଂସଦ, କନ୍ଧମାଳ ଡଃ. ଅଚ୍ୟୁତ ସାମନ୍ତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ୧୦ ହଜାର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଏହି ଐତିହାସିକ ଯୋଜନାର ଲୋକାର୍ପଣ ପାଇଁ କୃତଜ୍ଞତା ଜଣାଇବା ସହିତ ସାଧୁବାଦ ଜଣାଉଛୁ ବୋଲି କହିଥିଲେ । ଯଦିଓ ପୂର୍ବରୁ ଏହି ଜିଲ୍ଲା ଅନୁନ୍ନତ ଥିଲା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରୁଣାରୁ ୫ ବର୍ଷ ମଧ୍ୟରେ ଏହି ଜିଲ୍ଲା ଉନ୍ନତ ଜିଲ୍ଲାରେ ପରିଣତ ହୋଇପାରିଛି । ପାହାଡ଼ ଜଙ୍ଗଲରେ ପରିପୂର୍ଣ୍ଣ କନ୍ଧମାଳ ଜିଲ୍ଲାର ଗମନାଗମନରେ ସୁଧାର ଆଣିବା ପରେ ଆଧୁନିକ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି ।

# ବ୍ରଜନଗର ମହୋତ୍ସବ-୨୦୨୪ ଉଦ୍‌ଘାଟିତ

କୋରେଇ, ୨୦/୨ (ନି.ପ୍ର): ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ବ୍ରଜନଗର ଗ୍ରାମର ବ୍ରଜନଗର ମହୋତ୍ସବ ମହୋତ୍ସବ -୨୦୨୪ ଶନିବାର ସନ୍ଧ୍ୟାରେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବ୍ରଜନଗର କେଳ ପଡିଆ ଠାରେ ଉଦ୍ଘାଟିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ମହୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ମହୋତ୍ସବ ଉଦ୍ଘାଟନ ଅବସରରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୌମ୍ୟରଂଜନ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଡିଓ ସ୍ୱାଗତ ଦାସ, ଅନ୍ୟତମ ଅତିଥି ଭାବେ ଯାଜପୁର ତହସିଲଦାର ଅରବିନ୍ଦ ରାଉତ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ମଳାପାଳ ସମିତି ସଭ୍ୟ ମଦୁସୂଦନ ନନ୍ଦୀ, ମାଳଆନନ୍ଦପୁର ସରପଂଚ ପର୍ଶୁରାମ ଦଳାଇ ସମିତିସଭ୍ୟା ସସ୍ମିତା ବେହେରା, ପୂର୍ବତନ ସରପଂଚ ନାରାୟଣ ଚନ୍ଦ୍ର ଧଳ ଏବଂ ସ୍ଥାନୀୟ ବୁଦ୍ଧିଜିବୀ ମାନେ ଯୋଗଦେଇଥିଲେ । ଯୁବ ମହୋତ୍ସବ ସ୍ଥାନୀୟ ଅଂଚଳରେ ଭାଇଚାରା ସୃଷ୍ଟି କରିବାରେ ସହାୟକ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶରତ ଚନ୍ଦ୍ର ଧଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ଦାମୋଦର ଧଳ, ଜୟୀରାମ ସେଠୀ, ଚୈତନ୍ୟ ବେହେରା, ରାଜପଥ ପେଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳ, ପ୍ରଶାନ୍ତ ଧଳ, କେଦାର ନାଥ ସେଠୀଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକ ତଥା ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେବା ସହ ରାଜ୍ୟର ବହୁ ସେଲିବ୍ରେଟି କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୌମ୍ୟ ରଂଜନ ଧଳ ଘୋଷଣା କରିଥିଲେ।

# ନିର୍ବାଚନ ପ୍ରଶିକ୍ଷଣ ଶିବିର

ଝାରସୁଗଡ଼ା , ୨୦/୨ (ନି.ପ୍ର): ଜିଲ୍ଲାରେ ଆଗାମୀ ସାଧାରଣ ୨୦୨୪ ନିର୍ବାଚନକୁ ମୁକ୍ତ , ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା ସକାଶେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ସ୍ୱଚ୍ଛତା ଓ ସଫଳତାର ସହ ନିର୍ବାଚନ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ । ଶିବିରରେ ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ନିର୍ବାଚନରେ ମୁତୟନ ହେବାକୁ ଥିବା ଅଧିକାରୀ ଓ କର୍ମଚାରୀ (ପୋଲିଂ ପାର୍ଟି)ର ଦାୟିତ୍ୱ ଏବଂ ନିର୍ବାଚନ ଦିନ ଗ୍ରହଣ କରାଯିବାକୁ ଥିବା ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅତିରିକ୍ତ ଉପ ଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା ଓ କିର୍ମିରା ଅତିରିକ୍ତ ତହସିଲଦାର ତକ୍ଷରାଜ ଭିତିରିଆ ଏବଂ ଜିଲ୍ଲା ପରିଷଦ ପିଆରଓ (ଆଇଟି) ପ୍ରସନ୍ନ ଦାଶ ପ୍ରମୁଖ ଇଭିଏମ୍ ଓ ଭିଭିପାଟ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉପ ଜିଲ୍ଲାପାଳ ପ୍ରଶ୍ନୋତ୍ତର ମାଧ୍ୟମରେ ପ୍ରଶିକ୍ଷଣରେ ଅଂଶ ଗ୍ରହଣକାରୀ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ବୁଝାଇଥିଲେ । ଶିବିରରେ ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲ,ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର,ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ହରିହର ମାଝୀ , କେଶବ ଡିଲା ଓ ସାହେବଲାଲ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଜୟପୁର, ୨୦/୨ (ନି.ପ୍ର): ଜୟପୁର ତହସିଲ କାର୍ଯ୍ୟାଳୟ ପରିସରରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ସମୂହ କାଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ଆଜିର ଆନ୍ଦୋଳନରେ ସଂଘର ଉପଦେଷ୍ଟା ହରିହର ଶତପଥି, ଜିଲା କୋଷାଧ୍ୟକ୍ଷ ସୁରଜ କୁମାର ପଣ୍ଡା, ଜିଲା ସଂଗଠନ ସମ୍ପାଦକ ସସ୍ମିତା ରାଉଳ, ଜୟପୁର ତହସିଲ ସଭାପତି ଦିଲ୍ଲିପ କୁମାର ପ୍ରଧାନ, ସମ୍ପାଦକ ଦିବାକର ଦିଶାରି, କୋଷାଧ୍ୟକ୍ଷ ଜୋସ୍ନାରାଣି ପାଢୀ ପ୍ରମୁଖ ଅନ୍ଦୋଳନ କରୁଥିବା ଜଣାଯାଇଛି । ଓଡିଆରଏସ ନିୟମରେ ଆବଶ୍ୟକ ସଂଶୋଧନ ମାଧ୍ୟମରେ ରାଜସ୍ୱ କ୍ଷେତ୍ର କର୍ମଚାରିଙ୍କ କ୍ୟାଡର ପୁନର୍ଗଠନ, ରାଜସ୍ୱ ସୁପରଭାଇଜର ପଦର ନାମକରଣର ଅତିରିକ୍ତ ତହସିଲଦାରଙ୍କୁ ପରିବର୍ତ୍ତନ କରାଯାଇ ରାଜସ୍ୱ ମଣ୍ଡଳ ତହସିଲ ଗୁଡିକରେ ନିଯୁକ୍ତି କରାଯାଉ, ଆରଆଇ, ଏଆରଆଇ ଏବଂ ଆରଏସର ବେତନ ବର୍ଦ୍ଧିତ ସ୍କେଲର ଧାର୍ଯ୍ୟ କରିବା ଆଦି ଦାବି ରହିଛି । ଯେତେଦିନ ଦାବି ପୁରଣ ନହେବେ ସେତେ ଦିନ ଯାଏ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି।

# ସାଂସଦ ଖେଳ ମହାକୁମ୍ଭର ଶୁଭାରମ୍ଭ




ବାଲେଶ୍ୱର, ୨୦/୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ବିଜେପି ସାଂସଦ ମାନେ ପ୍ରତିବର୍ଷ ଖେଳ ମହାକୁମ୍ଭର ଆୟୋଜନ କରିଥାନ୍ତି, ସେହି କ୍ରମରେ ଆଜି ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ସାଂସଦ ଖେଳ ମହାକୁମ୍ଭର ଶୁଭାରମ୍ଭ ସ୍ଥାନୀୟ ପରମିଟ ପଡ଼ିଆରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଆଗାମୀ ୨୯ ତାରିଖରେ ଆୟୋଜିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ଓ ପଣ୍ଡିତ ଗୋପାଳଚନ୍ଦ୍ର ମିଶ୍ର ବେଦ ଜ୍ୟୋତିର୍ବିଜ୍ଞାନ ବିଦ୍ୟାପୀଠର ଛାତ୍ର ମାନଙ୍କ ଦ୍ୱାରା ବେଦପାଠ ଉପରାନ୍ତେ ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ ହୋଇଥଲା। ଏହା ପରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଶ୍ରୀମତୀ ମମତା ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ କେନ୍ଦ୍ର ଖେଳ ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଆଭାସି ମାଧ୍ୟମରେ ଯୋଗଦାନ କରିଥିଲେ। ମାନ୍ୟବର କେନ୍ଦ୍ରମନ୍ତ୍ରୀ ସାଂସଦଙ୍କ ଦ୍ୱାରା ଆୟୋଜିତ ଖେଳ ମହାକୁମ୍ଭର ଭୂୟସୀ ପ୍ରଶଂସା କରିଥିବା ବେଳ ସାଂସଦଙ୍କ ନିରାଡମ୍ବର ଜୀବନଶୈଳୀ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ନିର୍ବାଚନ ପରେ ସେ ବ୍ୟକ୍ତିଗତ ଭାବେ ବାଲେଶ୍ୱର ଆସିବେ ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବେ। ମୁଖ୍ୟ ଅତିଥି ରୂପେ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଆନୁଷ୍ଠାନିକ ଭାବେ ଖେଳ ମହାକୁମ୍ଭର ଶୁଭାରମ୍ଭ କରି କହିଥିଲେ ଖେଳ କେବଳ ଏକ ଜିତିବା ହାରିବାର ପ୍ରତିଯୋଗୀତା ନୁହେଁ, ଏହା ମାଧ୍ୟମରେ ବ୍ୟକ୍ତିର ଉଭୟ ଶାରୀରିକ ଓ ମାନସିକ ବିକାଶ ହେବା ସହିତ ସମାଜରେ ଭାତୃତ୍ୱର ବନ୍ଧନ ସୃଷ୍ଟି କୟିଥାଏ। ସମ୍ମାନୀତ ଅତିଥିଭାବେ ଜିଲ୍ଲା ଏଥେଲେଟିକ୍ ଆସୋସିଏସନର ଉପସଭାପତି ଅଜୟ ମିଶ୍ର ଯୋଗଦାନ କରି ଆୟୋଜକ ମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ଏଥେଲେଟିକ୍ ଆସୋସିଏସନ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବ। ସଭାରେ ସଭାପତିତ୍ୱ କରୁଥିବା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଉଦଯାପନୀ ଭାଷଣରେ କହିଥିଲେ ଯେ ମୋବାଇଲ ବ୍ୟବହାର ଯୋଗୁଁ କିଶୋର କିଶୋରୀ ଠାରୁ ଯୁବକମାନେ ଖେଳପଡ଼ିଆରୁ ଦୂରେଇ ଯାଉଛନ୍ତି, ଏହି ଭଳି ଖେଳ ପ୍ରତିଯୋଗୀତା ହେଲେ ପିଲା ଠାରୁ ଯୁବାବର୍ଗଙ୍କର ଶାରିରୀକ ଓ ମାନସିକ ବିକାଶ ହେବ। ଖେଳ ସମାଜକୁ ଏକତ୍ରିତ କରିଥାଏ, ଖେଳ ମଧ୍ୟରେ କୌଣସି ଭେଦଭାବ ଥାଏ। ସେ ଆହୁରି କହିଥିଲେ ଯେ ଆଧୁନିକ ଖେଳ ଯୋଗୁ ଭାରତର ପାରମ୍ପାରିକ ଖେଳ ଗୁଡ଼ିକର ଲୋକପ୍ରିୟତା ହ୍ରାସ ପାଉଛି, ଆମମାନଙ୍କୁ ସେସବୁକୁ ଗୁରୁତ୍ୱ ଦେଇ ତାର ଅଧିକ ପ୍ରଚାର ପ୍ରସାର ଦିଗରେ କାମ କରିବାକୁ ପଡ଼ିବ। ୧୦ ଦିନ ବ୍ୟାପୀ ଏହି ଖେଳ କାର୍ଯ୍ୟକ୍ରମରେ ସଂସଦୀୟ କ୍ଷେତ୍ରର ସମସ୍ତ ବ୍ଲକ୍ ମାନଙ୍କରେ ମୋଟ ୨୫ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ଆଜିର ଏହି ଉଦଘାଟନୀ ଉତ୍ସବରେ ସମସ୍ତ ବ୍ଲକର ଖେଳାଳୀଙ୍କ ପ୍ରତନିଧି ମାନେ ଅଂଶଗ୍ରହଣ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥଲେ, ସରସ୍ୱତୀ ଶିଶୁ ମନ୍ଦିର ବାଲିଆର ଛାତ୍ରଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଚ ପ୍ରଦାନ କରିଥଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାଣିକଖମ୍ବ ସରସ୍ୱତୀ ଶିଶୁ ମନ୍ଦିର ଓଡ଼ଶୀ, ଲେଜିମ୍ ଓ ଡ୍ରମ୍ବେଲ୍ ନୃତ୍ୟ ପରିବେଷଣ କରିଥିବା ବେଳ 'ଶ୍ରୀକୃଷ୍ଣ ନୃତ୍ୟନାଟିକା' ସିଦ୍ଧି ବିନାୟକ ସ୍କୁଲ ଦ୍ୱାରା ଓ ବ୍ୟାଣ୍ଡ ବାଦ୍ୟ ସରସ୍ୱତୀ ଶିଶୁ ମନ୍ଦିର ବାଲିଆ ଦ୍ୱାରା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ମାଣିକଖମ୍ବ, ବାଲିଆ, ନୀଳଗିରି ଓ ରେମୁଣା ସରସ୍ୱତୀ ଶିଶୁ ମନ୍ଦିରର ଷୋଘ ଟିମ ଯୋଗଦାନ କରିଥିଲେ। ଆଇନଜୀବୀ କିରଣ କୁମାର ମହାରଣାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପରେ ଜାତୀୟ ସଂଗୀତ ଗାନ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ କରିଥିଲେ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: ଇ-ଟେଣ୍ଡର / ୨୦୨୪/୦୫ ତାରିଖ: ୧୯.୦୨.୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ବିଭାଗୀୟ ରେଲୱେ ମ୍ୟାନେଜର (ଇଂ. ଟେଣ୍ଡର ନଂ: E-KGP-EAST-05-2024। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ବିଭାଗର କାର୍ଯ୍ୟର କାର୍ଯ୍ୟକାରିତା- ଯୋଗାଣ, ସ୍ଥାପନ, ଟ୍ରାକ୍ ଆଧାରିତ ରେଳ ଗେଜ୍ ଫେସ୍ ଲବ୍ରିକେଟର୍ (1 KM ପାଇଁ ହାଇଡ୍ରୋଲିକ୍ ଏବଂ ଇଲେକ୍ଟ୍ରୋନିକ୍ ପ୍ରକାର) - 221 ନଂ। Sr. DEN / Co / KGP ଅଧୀନରେ । ଟେଣ୍ଡର ମୂଲ୍ୟ: ୧୭,୫୨,୦୫,୭୯୪.୪୦ ରୋଜଗାରର ଅର୍ଥ: ଞ ୧୦,୨୬,୦୦୦ ଖୋଲିବାର ତାରିଖ: ୦୪.୦୩.୨୦୨୪ କାର୍ଯ୍ୟର ସମାପ୍ତି ସମୟ: ୬୬ (ଷାଠିଏ) ମାସ । SI.No.-2 ଟେଣ୍ଡର ନଂ: E-KGP-EAST-06-2024 । କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନର କାର୍ଯ୍ୟର କାର୍ଯ୍ୟକାରିତା- ଟ୍ରାକ୍ ଆଧାରିତ ରେଳ ଗେଜ୍ ଫେସ୍ ଲବ୍ରିକେଟର ଯୋଗାଣ, ସ୍ଥାପନ, କମିଶନ ଏବଂ କାର୍ଯ୍ୟ (୨ କଗ ପାଇଁ ହାଇଡ୍ରୋଲିକ୍ ଏବଂ ଇଲେକ୍ଟ୍ରୋନିକ୍ ପ୍ରକାର) - ୪୦ ନଂ। Sr. DEN / CO/ KGP ଅଧୀନରେ । ଟେଣ୍ଡର ମୂଲ୍ୟ: ୩,୧୭,୧୧,୪୫୬ ସର୍ବଶ୍ରେଷ୍ଠ ଟଙ୍କା: ୩,୦୮,୬୦୦ ଖୋଲିବାର ତାରିଖ: ୦୪.୦୩.୨୦୨୪ କାର୍ଯ୍ୟର ସମାପ୍ତି ସମୟ: ୬୬ (ଷାଠିଏ) ମାସ । SI.No.-3 ଟେଣ୍ଡର ନଂ: E-KGP-WEST-03- 2024. କାର୍ଯ୍ୟର ବର୍ଣ୍ଣନା: ୨୦୨୪ର ୱେଲଡିଂ। କାର୍ଯ୍ୟର ବର୍ଣ୍ଣନା: DEN / ପଶ୍ଚିମ / କେଜିପି ଅଧୀନରେ ୬୦ କିଲୋଗ୍ରାମ / 90 UTS ରେଲ୍ (୧୬୦୦ ରେଳ ଗଣ୍ଠି) ଏବଂ ୬୦ କିଲୋଗ୍ରାମ / 60EI R260 ରେଲ୍ (୭୫୬୮ ରେଳ ଗଣ୍ଠି) ୱେଲଡିଂ । ଟେଣ୍ଡର ମୂଲ୍ୟ: ୧,୯୬,୯୫,୯୮୮ ରୋଜଗାରର ଅର୍ଥ: ୨,୪୮,୫୦୦ ଖୋଲିବାର ତାରିଖ: ୧୧.୦୩.୨୦୨୪ କାର୍ଯ୍ୟର ସମାପ୍ତି ସମୟ: ୧୨ (ବାର) ମାସ । SI.No.-4 ଟେଣ୍ଡର ନଂ: A- KGP-WEST-04-2024 । କାର୍ଯ୍ୟର ବର୍ଣ୍ଣନା: ୨ ନଂ ନିର୍ମାଣ LC 91 ଏବଂ Km ରେ RUB । DEN / West / KGP ଅଧୀନରେ ଖଡ଼ଗପୁର-ଟାଟା ବିଭାଗରେ ୧୮୮ / ୩୨-୩୩ । ଟେଣ୍ଡର ମୂଲ୍ୟ: ଞ ୧୨,୭୭,୨୮,୧୮୯.୨୫ ରୋଜଗାରର ଅର୍ଥ: ୭,୮୮,୭୦୦ ଖୋଲିବାର ତାରିଖ: ୧୧.୦୩.୨୦୨୪ କାର୍ଯ୍ୟର ସମାପ୍ତି ସମୟ: ୧୮ (ଅଷ୍ଟାଦଶ) ମାସ । ଟେଣ୍ଡର ଦଲିଲଗୁଡ଼ିକର ମୂଲ୍ୟ: ୦ (SI.No 1 ରୁ 4 ପ୍ରତ୍ୟେକ ପାଇଁ) । ବିଡିଂ ଆରମ୍ଭ ତାରିଖ: ୧୯.୦୨.୨୦୨୪ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୦୪.୦୩.୨୦୨୪ ରେ (SI.No 1 ଏବଂ 2 ପାଇଁ) ଏବଂ ୨୬.୦୨.୨୦୨୪ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୧.୦୩.୨୦୨୪ ରେ (SI.No. 3 ଏବଂ 4 ପାଇଁ) ଆଗ୍ରହୀ ଟେଣ୍ଡରଗୁଡିକ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା /ନିର୍ଦ୍ଦିଷ୍ଟତା ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । N.B: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-1156)

# ମୟୂରଭଞ୍ଜ ଗସ୍ତରେ ମହାମହିମ ରାଜ୍ୟପାଳ ଶ୍ରୀ ରଘୁବର ଦାସ



ବାରିପଦା, ୨୦/୨ (ନି.ପ୍ର): ଓଡିଶାର ମହାମହିମ ରାଜ୍ୟପାଳ ଶ୍ରୀ ରଘୁବର ଦାସ ମଙ୍ଗଳବାର ଦିନ ମୟୂରଭଞ୍ଜ ଗସ୍ତରେ ଆସି, ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଏବଂ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଆଜି ସକାଳେ, ରାଜ୍ୟପାଳ ଶ୍ରୀ ଦାସ ବାରିପଦା ସ୍ଥିତ ପ୍ରଦକ୍ଷଣ ଗୃହରୁ କୁଜିଡିହି ଗ୍ରାମ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ପରେ ଅଭିଭାବକ ଏବଂ ଅଙ୍ଗନୱାଡି କର୍ମକର୍ତ୍ତା ମାନଙ୍କ ସହିତ କଥୋପକଥନ ପରେ ଶ୍ରୀ ଦାସ କୁଜିଡିହି ଠାରେ ଥିବା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ମାନଙ୍କ ସ୍ଥିତି ଏବଂ ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯୋଜନା କାର୍ଯ୍ୟକାରୀ ହେଉଥିବା ବିଷୟରେ ପଚାରି ବୁଝିଥିଲେ । ଏହା ପରେ ଶ୍ରୀ ଦାସ କୋଷ୍ଠା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସମସ୍ତ ବିଭାଗ ପରିଦର୍ଶନ କରିବା ସହିତ ସେଠାରେ ଉପସ୍ଥିତ ସମସ୍ତ ଡାକ୍ତର, ପାରାମେଡିକ୍ସ, ଆଶା କର୍ମୀ ଏବଂ ରୋଗୀ ମାନଙ୍କ ସହିତ କଥା ହୋଇଥିଲେ ଏବଂ ସମସ୍ତ ସ୍ୱାସ୍ଥ୍ୟଗତ ସରକାରୀ ସୁବିଧା ଉପଲବ୍ଧ ହେଉଥିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ପରେ ପରେ କୋଷ୍ଠା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ କଥା ହୋଇଥିଲେ। ନିକଟସ୍ଥ ସାଲାସାହିରେ ଥିବା ଓରମାସ ସବାଇ କ୍ଲଷ୍ଟରର ୨୦୦ ଜଣ ମହିଳା ସ୍ୱୟଂସହାୟକ ମାନଙ୍କ କାର୍ଯ୍ୟ ବୁଲି ଦେଖିଥିଲେ। ସବାଇ ଘାସରେ ତିଆରି ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ ଏବଂ ଗୃହ ଉପଯୋଗୀ ସାମଗ୍ରୀ ଦେଖି ରାଜ୍ୟପାଳ ମହୋଦୟ ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ସମସ୍ତ ମହିଳା ସ୍ୱୟଂସହାୟକ ମା ମାନଙ୍କ ସହିତ ସାକ୍ଷାତକାର ବାର୍ତାଳାପ କରିଥିଲେ। ସେଠାରେ ନିଜ ବକ୍ତବ୍ୟ ରଖି ରାଜ୍ୟପାଳ ଶ୍ରୀ ଦାସ କହିଥିଲେଯେ, ମା ମାନେ ହେଉଛନ୍ତି ଦେଶ ର ଶକ୍ତି ଏବଂ ଦେଶର ଭବିଷ୍ୟତ ଆଜିର ନାରୀର ଯୋଗଦାନ ଉପରେ ନିର୍ଭର କରେ। ସମସ୍ତ ନାରୀଙ୍କୁ ଶିକ୍ଷିତ ହେବ ଦରକାର ଏବଂ ଜଣେ ଶିକ୍ଷିତ ନାରୀ ହିଁ ପ୍ରତ୍ୟେକ ଘରର ମେରୁଦଣ୍ଡ ବୋଲି ଶ୍ରୀ ଦାସ କହିଥିଲେ। ଦେଶର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜଣେ ଉଚ୍ଚ ଶିକ୍ଷିତା ନାରୀ ଏବଂ ଏଇ ମୟୁରଭଞ୍ଜ ମାଟିର ଝିଅ ଆଜି ସବୁଠୁ ବଡ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ପଦବୀରେ ସ୍ଥାନିତ ଏବଂ ସେ କେବଳ ଜଣେ ନାରୀ ନୁହନ୍ତି ତ୍ୟାଗ ଏବଂ ଧୈର୍ଯ୍ୟର ଏକ ଜ୍ୱଳନ୍ତ ପ୍ରତୀକ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଥିଲେ। ପରବର୍ତୀ ମୁହୂର୍ତ୍ତରେ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତା ମାନେ ରାଜ୍ୟପାଳଙ୍କ ସହିତ ନିଜ କାର୍ଯ୍ୟ ବିଷୟରେ କଥା ହୋଇଥିଲେ । ସମସ୍ତ କାର୍ଯ୍ୟକର୍ତାଙ୍କ ହାତ ତିଆରି କାରୁକାର୍ଯ୍ୟ ଦେଖି ଶ୍ରୀ ଦାସ ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ ଏବଂ ଏହି କ୍ଷେତ୍ର ରେ ଆଗକୁ ପ୍ରୋତ୍ସାହନ ପାଇଁ ମଧ ସରକାର ଅଧିକ ରୁ ଅଧିକ ହସ୍ତ ସମ୍ପ୍ରସାରଣ କରିବେ ବୋଲି କହିଥିଲେ। ଏହା ପରେ, ରାଜ୍ୟପାଳ, ଶୁଳିଆପଦା ବ୍ଲକ ସ୍ଥିତ ବଡଢେଙ୍କିଆ ଗ୍ରାମ ଠାରେ ଚାଷୀ ମାନଙ୍କୁ ଉଦବୋଧନ ଦେବା ସହିତ ସେହି ଗ୍ରାମର ଚାଷୀ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ରାଜ୍ୟପାଳ କହିଥିଲେଯେ, ଚାଷ ଏବଂ ଚାଷୀ ହେଉଛନ୍ତି ଦେଶର ଅବିବୃଦ୍ଧିର ମାନଦଣ୍ଡ, ଯେଉଁ ଦେଶର କୃଷକ ଯେତେ ସଶକ୍ତ ସେ ଦେଶର ଅର୍ଥନୀତି ସେତେ ସୁଦୃଢ଼। ମୟୁରଭଞ୍ଜ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା କାରଣ ଏଠାକାର ମୂଳ ଅଧିବାସୀ ହେଉଛନ୍ତି ଆଦିବାସୀ ଜନଜାତିର ଏବଂ ସେମାନେ କୃଷି ଉପରେ ନିର୍ଭରଶିଳ। ଦିନେ ଆମ ଦେଶର ସ୍ୱତନ୍ତ୍ରତା ପାଇଁ ଏଇ ଚାଷୀ କୁଳ ପ୍ରଥମେ ମୁଣ୍ଡଟେକି ଥିଲା ଏବଂ ଏହି ମୟୁରଭଞ୍ଜ ମାଟିର ଆଦିବାସୀ ମାନେ ମଧ ସେହି ସଂଗ୍ରାମରେ ନିଜ ଯୋଗଦାନ ଦେଇଛନ୍ତି। ଏହା ସହିତ ଚାଷୀ ମାନେ ସର୍ବଦା ସ୍ୱାବଲମ୍ବୀ ହେବା ଉଚିତ ବୋଲି ସେ କହିଥିଲେ ।

# ସାଲୁଜାଙ୍କୁ ହତ୍ୟା ଧମକ ପ୍ରତିବାଦରେ କଂଟାବାଞ୍ଜି ବନ୍ଦ ପାଳନ

ଭୁବନେଶ୍ୱର/କଂଟାବାଞ୍ଜି, ୨୦/୨ (ନି.ପ୍ର): କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ଘଟଣା। ପ୍ରତିବାଦରେ ଆଜି ୧୨ ଘଂଟିଆ କଂଟାବାଞ୍ଜି ବନ୍ଦ ଡାକରା ଦିଆଯାଇଛି। କଂଟାବାଞ୍ଜି ନଗର କଂଗ୍ରେସ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ବନ୍ଦ ପାଳନ କରାଯାଉଛି। ସହରରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଛି। ସୋମବାର ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା କରାଯିବା ନେଇ ପୋଷ୍ଟର ଲଗାଯାଇଥିଲା।

Office of the Superintending Engineer,
Baisinga Canal Division, Laxmiposi, PIN-757107, Dist. - Mayurbhanj
Email ID: sebaisinga2022@gmail.com
***

AUCTION SALE NOTICE NO. 19/2023-24 of SE, BCD, Laxmiposi

| | | |
|---|---|---|
| 1 | No. of Work | Total 02 nos. of work |
| 2 | Reserve Price/ Upset price | Rs. 3,81,871.00 to Rs. 3,21,937.00 |
| 3 | Auction Money / E.M.D. | Rs.19,100.00 to Rs. 16,100.00 |
| 4 | Period of Completion | 01(One) Month from the date of issue of work order. |
| 5 | Date & Time of availability of bid document in the office of the undersigned | Upto 5.30 PM of 16.03.2024 |
| 6 | Last date/time for receipt of bid in the office of the undersigned. | Upto 5.30PM of 19.03.2024 |
| 7 | Date of opening of bid | 20.03.2024 at 11.30AM |
| 8 | Name & Address of the O.I. Q | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

OIPR: 32281/11/0007/2324

Superintending Engineer,
Baisinga Canal Division
Laxmiposi

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ...

ଶୁଭାଶିଷ ଖୁଣ୍ଟିଆ ଯୁବ ବିଜେଡି ରାଜ୍ୟ ଉପସଭାପତି ଅଛନ୍ତି। ଓଡ଼ିଶା କ୍ୟାଡରର ପୂର୍ବତନ ଆଇଏଏସ୍ ଅଫିସର ଅଶ୍ୱିନୀ ବୈଷ୍ଣବ ୨୦୧୯ରେ ବିଜେପି ଟିକେଟ୍‌ରେ ରାଜ୍ୟସଭାକୁ ଯାଇଥିଲେ। ସେତେବେଳେ ମଧ୍ୟ ତାଙ୍କୁ ବିଜେଡିର ସମର୍ଥନ ଜଣାଇଥିଲା। ୨୦୨୧ରେ ସେ ରେଳ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ହୋଇଥିଲେ।

### ସମ୍ବଲପୁର ଗସ୍ତରେ...

କାର୍ଯ୍ୟକ୍ରମରେ ଯୋଡ଼ି ହେବ। ଏହା ପରେ ଡାକ ବିଭାଗ ପକ୍ଷରୁ ସନ୍ଥକବି ଭୀମଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୬ଟି ଡାକ ଟିକେଟ୍ ଉନ୍ମୋଚିତ ହେବ। ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ୪୨ଟି ଡାକଘରର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ପିଏମ୍ ସ୍ୱନିଧି ଯୋଜନା ସମ୍ପର୍କିତ ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନାର ଶୁଭାରମ୍ଭ କରିବେ।

### ଗୁରୁବାର ଆସିବେ ରାଜନାଥ ...

ଏହାପରେ ଶ୍ରୀ ସିଂହ ଦିନ ପ୍ରାୟ ସାଢ଼େ ୧ଟାରେ ଘରୋଇ ହେଲିକପ୍ଟରରେ ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଂଚିବେ । ସେଠାରେ ଦିନ ୧ଟା ୪୫ମିନିଟରୁ ପ୍ରାୟ ୨ଟା ୪୫ମିନିଟ୍ ଏକଘଣ୍ଟା ଧରି ଦଳୀୟ କର୍ମୀ ସମାବେଶକୁ ସମ୍ବୋଧିତ କରିବେ। ଏହାପରେ ଶ୍ରୀ ସିଂ ହେଲିକପ୍ଟରରେ ମୟୂରଭଞ୍ଜର ଅର୍ମଦା ଏୟାରଷ୍ଟ୍ରିପରେ ଅବତରଣ କରି ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ବିଜେପି କୋର କମିଟି ସଦସ୍ୟମାନଙ୍କ ସହ ସାଂଗଠନିକ ଓ ନିର୍ବାଚନ ପ୍ରସଙ୍ଗରେ ବିଚାରବିମର୍ଶ କରିବେ ବୋଲି ଜଣାପଡ଼ିଛି । ଏହାପରେ ସେ ଅର୍ମଦା ଏୟାରଷ୍ଟ୍ରିପରୁ ସିଧାସଳଖ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏନଏସଜି ଟିମ୍ ଆସନ୍ତାକାଲି ରାତିରେ ବ୍ରହ୍ମପୁରରେ ପହଂଚି ସୁରକ୍ଷା ସମ୍ଭାଳିବେ ବୋଲି ସୂଚନା ମିଳିଛି। ରାଜନାଥ ସିଂଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ୨୨ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆସୁଛନ୍ତି। ସେ ନବରଙ୍ଗପୁର, ବ୍ରହ୍ମପୁର ଓ ବାରିପଦା ଗସ୍ତ କରିବେ।

### ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ...

ସରକାର ବିରୋଧୀ ହାୱାକୁ ପ୍ରଶମିତ କରିବାକୁ ଲାଞ୍ଚ ଦେଇଛନ୍ତି। ଏହାକୁ ନିର୍ବାଚନୀ ଚାଲ କହି ରାଜକୋଷ ଉପରେ ପ୍ରଭାବ ପଡିବ ବୋଲି କହିଛି କଂଗ୍ରେସ। ତେବେ ଦରଦାମ ବୃଦ୍ଧି ଯୋଗୁ ଭୋଟରଙ୍କ ପାଇଁ ଏହା କେବଳ ସହାୟତା ବୋଲି ଯୁକ୍ତି ବାଢିଛି ଶାସକ ଦଳ। କୁହାଯାଉଛି, ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା କମିବା ସହ ଗ୍ରାଉଣ୍ଡରେ ଥିବା ସରକାର ବିରୋଧୀ ହାୱାକୁ ପ୍ରଶମିତ କରିବା ପାଇଁ ସରକାର ମାଗଣା ଯୋଜନା ବର୍ଷା କରୁଛନ୍ତି। ମାତ୍ର ନିର୍ବାଚନ ପୂର୍ବରୁ ରାଜକୋଷ ଅର୍ଥରେ ମାଳ ମାଳ ଯୋଜନା ଘୋଷଣା ସରକାରୀ ତହବିଲକୁ ପ୍ରଭାବିତ କରିବନି ତ? ଏସବୁ ଯୋଜନା କେତେ ସୁଦୂର ପ୍ରସାରୀ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି। କାରଣ ୨୦୧୯ ନିର୍ବାଚନ ପୂର୍ବରୁ ଘୋଷଣା ହୋଇଥିବା 'ଆମ ଗାଁ ଆମ ବିକାଶ', 'ବିଜୁ ଯୁବ ବାହିନୀ' ଯୋଜନା ବନ୍ଦ ହୋଇ ସାରିଛି। ସେହିପରି 'କାଳିଆ' ସହାୟତା ରାଶି ୧୦ ହଜାର ବଦଳରେ ୪ ହଜାରକୁ ଖସିଛି।

### ୧୫ ସହରର ତାପମାତ୍ରା...

ପାଣିପାଗ ବିଭାଗ ପକ୍ଷରୁ ଆଜି ଜାରି କରାଯାଇଥିବା ବୁଲେଟିନ୍ ଅନୁଯାୟୀ, ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟର ସବୁ ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଛି। ୨୨ ତାରିଖ ସକାଳ ସାଢ଼େ ୮ଟାରୁ ୨୩ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବ। ରାଜ୍ୟର ବାକି ସବୁ ଅଞ୍ଚଳରେ ପାଗ ଶୁଖିଲା ରହିବ। ୨୩ ତାରିଖ ସକାଳ ସାଢ଼େ ୮ଟାରୁ ୨୪ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ ଉତ୍ତର ଉପକୂଳ ଓଡ଼ିଶା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ବୌଦ୍ଧ ଓ ପୁରୀର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୪ ତାରିଖ ସକାଳ ସାଢ଼େ ୮ଟାରୁ ୨୫ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ ଦକ୍ଷିଣ ଉପକୂଳ ଓଡ଼ିଶା, କନ୍ଧମାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ବୌଦ୍ଧର ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।


### ପୁରୀରୁ କୋଣାର୍କ ଗଡ଼ିବ ...

ଭିଷ୍ଟାଡୋମ୍ ଟ୍ରେନ୍ ଚଳିବ। ଭିଷ୍ଟାଡୋମ୍ ଟ୍ରେନ୍ ବଗିର ଦୁଇ ପାର୍ଶ୍ୱ ଓ ଉପର ଛାତ କାଚରେ ତିଆରି। ସେହି ଟ୍ରେନ୍‌ରେ ପର୍ଯ୍ୟଟକମାନେ ଯାତ୍ରା କଲେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପୂରାପୂରି ଉପଭୋଗ କରିପାରିବେ। ତାହା ସହିତ ଟ୍ରେନ୍ ଭିତରେ ଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ଲୋକମାନଙ୍କୁ ତଥ୍ୟ ଦିଆଯିବ। ଏହି ପ୍ରକଳ୍ପ ପାଇଁ ୨୧୫ ହେକ୍ଟର ଜମିର ଆବଶ୍ୟକତା ପଡ଼ିବ। ରାଜ୍ୟ ସରକାର ସହଯୋଗ କଲେ ଜମି ଅଧିଗ୍ରହଣ ଆରମ୍ଭ କରାଯିବ। ତା'ପରେ କାମ ଆରମ୍ଭ କରାଯିବ। ଏଥିପାଇଁ ଟଙ୍କା ଅଛି, ଡିଜାଇନ୍ ପାଖାପାଖି ସରି ଆସିଲାଣି ବୋଲି ରେଳ ମନ୍ତ୍ରୀ କହିଛନ୍ତି। ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ପୁରୀରୁ କୋଣାର୍କ ରୁଟ୍‌ରେ ୩ରୁ ୪ଟି ସ୍ଥାନରେ ସ୍ପେଶାଲ୍ ପର୍ଯ୍ୟଟନ ହେରିଟେଜ୍ ହବ୍ ନିର୍ମାଣ କରାଯିବ। ସେଥିରେ ଲୋକାମାନେ ଆସି ଓଡ଼ିଶାର ସଂସ୍କୃତିକୁ ପ୍ରଦର୍ଶିତ କରିପାରିବେ। ତାହା ପାଇଁ ଜାଗା ଦେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଗତ ୧୦ବର୍ଷ ଭିତରେ ପାଖାପାଖି ୧୦ ହଜାର କୋଟି ଟଙ୍କାରେ ୪୦୯ଟି ରେଲୱେ ଓଭର ବ୍ରିଜ୍ ଓ ଅଣ୍ଡର ପାସ୍ ନିର୍ମାଣ ହୋଇଛି। ଏବେ ୨୨୦ ରେଲୱେ ଓଭର ବ୍ରିଜ୍ ଓ ଅଣ୍ଡର ପାସ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ସବୁ କାମ ଶୀଘ୍ର ସରୁ ବୋଲି ମହାପ୍ରଭୁଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଛି।

### ସନ୍ଦେଶଖାଲି ମାମଲା: ମମତା ...

ସେ ଆଇନ ଉଲ୍ଲଙ୍ଘନ କରିପାରିବେ ନାହିଁ।' ଯଦି ଜଣେ ବ୍ୟକ୍ତି ପୂରା ଅଞ୍ଚଳର ବାସିନ୍ଦାଙ୍କୁ ଟାଙ୍କା ପାଇଁ ମୁଣ୍ଡ ଜାମିନ ରଖିପାରୁଛନ୍ତି, ତେବେ ତାଙ୍କୁ ସରକାର ସମର୍ଥନ କରିପାରିବେ ନାହିଁ କି ସୁରକ୍ଷା ଯୋଗାଇ ପାରିବେ ନାହିଁ। ସେ କେବଳ ଲୋକଙ୍କ ପ୍ରତିନିଧି। ତାଙ୍କ କାମ ହେଲା କେବଳ ଲୋକଙ୍କ ସେବା କରିବା ବୋଲି କଡା ଭାଷାରେ କହିଛନ୍ତି ହାଇକୋର୍ଟ। ସେହିପରି ସନ୍ଦେଶଖାଲିରେ କଟକଣା ଲାଗୁ କରିବାକୁ ନେଇ ମଧ ମମତା ସରକାରଙ୍କ ଉପରେ ବର୍ଷିଛନ୍ତି ହାଇକୋର୍ଟ। ସେ କହିଛନ୍ତି, 'ଆପଣ ଅଯଥାରେ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ଆପଣ କେବଳ ହିଂସାତ୍ମକ ସ୍ଥିତି ସୃଷ୍ଟି କରୁଛନ୍ତି। କୋଭିଡ ସମୟରେ ଲୋକେ ଯେପରି ଅବସାଦରେ ଥିଲେ ଏଠାକାର ଲୋକେ ସେଭଳି ଡିପ୍ରେସନରେ ଅଛନ୍ତି। କାରଣ ଏଠକାର ଲୋକେ ଘର ଭିତରେ ବନ୍ଦୀ ହୋଇ ରହିବାକୁ ବାଧ ହେଉଛନ୍ତି।' ଉଲ୍ଲେଖଯୋଗ୍ୟ, ଟିଏମ୍‌ସି ନେତା ଶେଖ ଶାହଜାହାଁ ଗତ ଏକ ମାସ ଧରି ଫେରାର ଅଛନ୍ତି। ଜାନୁଆରୀ ମାସରେ ଇଡି ଚଢ଼ାଉ ବେଳେ ଶେଖ ଶାହଜାହାଁଙ୍କ ସମର୍ଥକମାନେ ଇଡି ଅଧିକାରୀଙ୍କ ଟିମ୍ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ।

# ମୁନି ସମାଜ ପକ୍ଷରୁ ଝୁମମଣି ପାତ୍ରଙ୍କ ୮୩ ତମ ଜନ୍ମ ଉତ୍ସବ



ବାସୁଦେବପୁର, ୨୦/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ବାସନ୍ତୀ ପଡିଆ ଠାରେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ ପକ୍ଷରୁ ଆଦର୍ଶ ନାରୀ ମାତା ଝୁମ ମଣି ପାତ୍ରଙ୍କ ୮୩ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଯୋଗୀ ବସନ୍ତ କୁମାର ମୁନି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଯୋଗୀ ଦଶରଥ ମୁନି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଯୋଗୀ ଦାମୋଦର ମୁନି । ଜୀବନ ଦର୍ଶନ, ପିତା ମାତାଙ୍କ ସେବା, ଜୀବ ଜଗତ,କର୍ମ, ଧର୍ମ, ସ୍ୱାସ୍ଥ୍ୟ, ବିଜ୍ଞାନ, ଆଧାତ୍ମିକ ଚିନ୍ତାଧାରା ପ୍ରଭୃତି ସମ୍ପର୍କ ରେ ଅତିଥି ବନ୍ଧୁ ଗଭୀର ଆଲୋକପାତ କରିଥିଲେ । ଯୋଗୀ ସୁଧାକର ମୁନି, ଯୋଗୀ ଉମାକାନ୍ତ ମୁନି ଓ ପ୍ରଭାତୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଫଳ ଚାଷୀ ରମାକାନ୍ତ ପାଢ଼ୀ ପିତା ମାତାଙ୍କ ଉପଯୁକ୍ତ ସେବା କରିଥିବାରୁ ତାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଗଜେନ୍ଦ୍ର ପାତ୍ରଙ୍କ ମାତା ଝୁମ ମଣି ପାତ୍ର, ଦାଦା ବନମାଳୀ ପାତ୍ର ଓ ଖୁଡି ରଙ୍ଗଲତା ପାତ୍ର ଙ୍କୁ ନୂତନ ବସ୍ତ୍ର ପିନ୍ଧା ଯାଇଥିଲା ଓ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହି ଉତ୍ସବର ଆୟୋଜକ ମୁନିରାଜ ଗଜେନ୍ଦ୍ର ପାତ୍ର ଅଳୁ ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଗଜେନ୍ଦ୍ର ପାତ୍ର ଙ୍କ ଧର୍ମ ପତ୍ନୀ ସୁବାସିନି ପାତ୍ର ଓ ପରିବାର ବର୍ଗ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।

ବୁଧବାର, ଫେବୃଆରୀ ୨୧, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପ୍ରଶ୍ନପତ୍ର ଯୋଗାଣରେ ତ୍ରୁଟି ବିଚ୍ୟୁତି: ପନ୍ଦର ମିନିଟ୍ ବିଳମ୍ବରେ ପରୀକ୍ଷା ହେଲା

ବାଲିଆପାଳ , ୨୦/୨ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଖାମ ଖିଆଲ ନୀତି ଯୋଗୁଁ ଆଜି ଯୁକ୍ତ ତିନି ୟୁ ଜି ତୃତୀୟ ସେମିଷ୍ଟାର କଳା ଓ ବିଜ୍ଞାନ ପରୀକ୍ଷା ୧୫ ମିନିଟ ବିଳମ୍ବରେ ଆରମ୍ଭ ହୋଇଛି। ପ୍ରଶ୍ନ ପତ୍ର ଯୋଗାଣ ରେତ୍ରୁଟି ଯୋଗୁଁ ଏପରି ହୋଇ ଥିବା କୁହାଯାଇଛି। ବିଶ୍ୱ ବିଦ୍ୟାଳୟ ଅଧିନ ପ୍ରାୟେ ସବୁ ଡିଗ୍ରୀ କଲେଜରେ ଏକା ଘଟଣା ଘଟିଛି। ଏନେଇ ମେଧାବୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୀୟମ ଅନୁସାରେ ପରୀକ୍ଷା ଆରମ୍ଭ ହେବାର ଅଧ ଘଣ୍ଟା ଆଗରୁ ପ୍ରଶ୍ନ ପତ୍ର ପକେଟ୍ କଟାଯାଇ ସେଟିଂ କରାଯାଏ। ମାତ୍ର ପ୍ରଶ୍ନ ପତ୍ର କଟାବେଳେ କେତେକ ନିର୍ଦ୍ଧାରିତ ପ୍ରଶ୍ନ ପକେଟ୍ ରେ ନ ଥିଲା। ଏନେଇ କେତେକ କଲେଜ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇଥିଲେ। ପରୀକ୍ଷା ନିୟନ୍ତ୍ରକ ସଙ୍ଗେ ସଙ୍ଗେ ପ୍ରତ୍ୟେକ କଲେଜ ଅଧକ୍ଷଙ୍କ ଇ - ମେଲ୍ କୁ ପ୍ରଶ୍ନ ପତ୍ର ପଠାଇ ଥିଲେ। ନିର୍ଦ୍ଦେଶ ମୁତାବକ ବିଶ୍ୱ ବିଦ୍ୟାଳୟ ଅଧିନ କଲେଜ କର୍ତ୍ତୃପକ୍ଷମାନେ ଇ -ମେଲ୍ କୁ ଡାଉନ୍ ଲୋଡ୍ କରି ଜେରକ୍ସ କରି ପରୀକ୍ଷାର୍ଥୀମାନଙ୍କୁ ବଣ୍ଟନ କରିଥିଲେ। ଏଠି ପ୍ରଶ୍ନ ଉଠୁଛି ଏହି ସବୁ କାରବାର ଯୋଗୁଁ ପ୍ରଶ୍ନ ପତ୍ର ଲିକ୍ ହୋଇ ନାହିଁ କି ? ଯେଉଁମାନେ ଜେରକ୍ସ କରି ପ୍ରଶ୍ନ ପତ୍ର ପରୀକ୍ଷାର୍ଥୀମାନଙ୍କୁ ବଣ୍ଟନ କଲେ ସେଥିରେ ସାଧୁତା ଅଛି କି ? ଅତୀତରେ ବିଶ୍ୱ ବିଦ୍ୟାଳୟ ଏହି ଭଳି ଅନେକ କାରନାମାରେ ସଂପୃକ୍ତ ଥିବା ନଜିର ରହିଛି। ଯେଉଁ ମାନେ ବାଲେଶ୍ୱରରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆନ୍ଦୋଳନ କରିଥିଲେ ସେମାନେ ଲଜ୍ଜ୍ୟା ବୋଧ କରୁଛନ୍ତି।ଏହାର ଏକ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ଅଭିଭାବକ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ତେବେ ଏ ବାବଦରେ ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ସହିତ ଯୋଗ ଯୋଗ ହୋଇ ପାରି ନାହିଁ।

# ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ପାଇଁ ଜନ ଶୁଣାଣି ଶିବିର



ଭଦ୍ରକ , ୨୦/୨ (ନି.ପ୍ର): ଭଦ୍ରକ ଜିଲ୍ଲାରେ ପ୍ରସ୍ତାବିତ ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ଚାନ୍ଦବାଲି ତହସିଲ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ, ଲକ୍ଷ୍ମୀ ପ୍ରସାଦ ଓ କଇଥକୋଲା ଗ୍ରାମର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହେଉଥିବା ପରିବାରଙ୍କ ପ୍ରକାଶିତ ହୋଇଥିବା ଚିଠା ପୁର୍ନଃବାସ ଓ ଥଇଥାନ ନୀତି ସମ୍ବନ୍ଧୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ, କୃଷ୍ଣପ୍ରସାଦ ଠାରେ ଆୟୋଜିତ ଏହି ଜନ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ମନୋଜ ପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ଜନ ସାଧାରଣଙ୍କ ଆବେଦନ ଅଭିଯୋଗ ଶୁଣିଥିଲେ। ସୂଚନା ଯୋଗ୍ୟକି ଏହି ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ୧ମ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ପାଇଁ ୪ଟି ରାଜସ୍ୱ ଗ୍ରାମ କଇଥଖୋଲା, ଲକ୍ଷ୍ମୀ ପ୍ରସାଦ, ପ୍ରସାଦ ଓ କୃଷ୍ଣ ପ୍ରସାଦ ରେ ଅନ୍ୟୁନ ୯୭୨ ଏକର ବେସରକାରୀ ଜମି ପାଇଁ ୧୧(୧) ଧାରା ଅଧିସୂଚନା ଗତ ଡିସେମ୍ବର ମାସରେ ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶ କରାଯାଇଥିଲା। ଯାହାକୁ ୧୨ ଗୋଟି ଭୂଅର୍ଜନ ନିମନ୍ତେ ପ୍ରୋସିଡ଼ିଂ ମାଧମରେ ସର୍ବସାଧାରଣଙ୍କର ଓ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ପାଇଁ ସମ୍ପୃକ୍ତ ପ୍ରଭାବିତ ଅଞ୍ଚଳ, ପଞ୍ଚାୟତ, ତହସିଲ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଏହାକୁ ବ୍ୟାପକ ଭାବରେ ପ୍ରକାଶିତ କରାଯାଇଥିଲା। ଉକ୍ତ ଅଧିସୂଚନା ଜାରି ପରେ ଭୂଅର୍ଜନ ଆଇନ ଅନୁଯାୟୀ ଏକ ସର୍ବେକ୍ଷଣ ସମ୍ପୃକ୍ତ ପ୍ରଭାବିତ ଅଞ୍ଚଳରୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ ତତ୍ତ୍ୱାବଧାନରେ, ମଣ୍ଡଳ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ଘରକୁ ଘର ଏବଂ ଜମିକୁ ଜମି ବୁଲି ପ୍ରଭାବିତ ହେଉଥିବା ବୃକ୍ଷାଦି, ଗୃହ, ପୁଷ୍କରିଣୀ ଇତ୍ୟାଦିର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିଥିଲେ ଏବଂ ଏହାପରେ ଗତ ମେ ୩/୪ ରେ ହୋଇଥିବା ଜନ ଶୁଣାଣିରେ ଆସିଥିବା ପ୍ରସ୍ତାବ, ଏକ୍ସପର୍ଟ କମିଟିର ରିପୋର୍ଟ, ଏସ୍.ଆଇ.ଏ. ରିପୋର୍ଟ ବର୍ତ୍ତମାନର ସର୍ବେକ୍ଷଣ ରିର୍ପୋକୁ ଭିତ୍ତିକରି ଏକ ଚିଠା ପୁନଃର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତ କରାଯାଇ ଉପଜିଲ୍ଲାପାଳ ତଥା ପ୍ରଶାସକ, ପୁନଃର୍ବାସ ଓ ଥଇଥାନ ଙ୍କ ଦ୍ୱାରା ଏହାକୁ ବ୍ୟାପକତାକୁ ପ୍ରକାଶ କରାଯାଇଥିଲା। ଏଥିରେ ବର୍ଣ୍ଣିତ ଥିବା ବିଷୟ ଗୁଡ଼ିକ ଉପରେ କ୍ଷତିଗ୍ରସ୍ତ ପ୍ରଜାଙ୍କର ଆପତ୍ତି ଓ ଅଭିଯୋଗ ପାଇଁ ଏକ ଜନ ଶୁଣାଣି ଶିବିର ସ୍ଥାନୀୟ କୃଷ୍ଣ ପ୍ରସାଦ ନାଥ ଆଶ୍ରୟ ସ୍ଥଳରେ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମନୋଜ କୁମାର ପାତ୍ର, କାର୍ତ୍ତିକ ନାଥ ମଣ୍ଡଳ, ସ୍ୱତନ୍ତ୍ର, ଭୂ.ଅ.ଅ. ଭଦ୍ରକ ଡିଭିଜନାଲ ହେଡ୍ ଡ଼ି.ସି.ଓ. ଯାଜପୁର ଅଜୟ ସାହୁ, ଅତିରିକ୍ତ ତହସିଲଦାର ଚାନ୍ଦବାଲି ଠାକୁର ଦାସ ନାଏକ, ଜିଲ୍ଲା ପରିଷଦ ଭଦ୍ରକ ବଳଭଦ୍ର ଲେଙ୍କା, ସରପଞ୍ଚ କୋଇଥଖୋଲା ପ୍ରତିନିଧି ଶ୍ରୀ ଟୁଟୁ ସାମଲ, ଦୀପା କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀ, ସ୍ଥାନୀୟ ଜନ ପ୍ରତିନିଧି ଦିଗମ୍ବର ଦାସ, ବନବିହାରୀ ମାଇତି, ସେକ୍ ଅବଦୁଲ୍, ରବିନାରାୟଣ ବେହେରା, ବାବୁଲା ମହାନ୍ତି ଏବଂ ପାଖାପାଖି ୨୦୦ କ୍ଷତିଗ୍ରସ୍ତ ଚାଷୀ ଜନଶୁଣାଣୀ ଶିବିରରେ ଅଂଶ ଗ୍ରହଣ କରିଥିଲେ। ପ୍ରକଳ୍ପ ପାଇ ସମସ୍ତେ ସହମତି ପ୍ରକାଶ କରିଥିଲେ ଏବଂ ଚିଠା ଯୋଜନା ସଠିକ୍ ଅଛିବୋଲି ପ୍ରକାଶ କରିଥିଲେ। କିଛି ସରପଞ୍ଚଙ୍କ ପ୍ରତିନିଧି ପଞ୍ଚାୟତର ବିଭିନ୍ନ ରାସ୍ତା, ପାନୀୟଜଳ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ। ଯାହାକୁ ପ୍ରକଳ୍ପ କାର୍ଯ୍ୟକାରୀହେଲେ ପଞ୍ଚାୟତ ସହିତ ଆଖପାଖ ଅଂଚଳର ବହୁବିଧ ଉନ୍ନତି ସାଧିତ ହେବବୋଲି ଉପଜିଲ୍ଲାପାଳ ମତ ରଖିଥିଲେ। ଶେଷରେ ବନବିହାରୀ ମାଇତିଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ଜନ ଶୁଣାଣି କାର୍ଯ୍ୟକ୍ରମକୁ ସାଙ୍ଗ କରାଯାଇଥିଲା।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଖଇରା, ୨୦/୨ (ନି.ପ୍ର): ପୁର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୋମବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଗସ୍ତ ଅବସରରେ ବିଜୁ ସେତୁ ,ନାଳ ଉନ୍ନତିକରଣ ଇତ୍ୟାଦି କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ପ୍ରଥମେ ଗରସଙ୍ଗ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶାରେ ୨ଟି ପ୍ରକଳ୍ପର ଉଦଘାଟନ କରିଥିଲେ । ପରେ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ତାରାପୁର ନାଳର ଉନ୍ନତିକରଣ, ପାଚେରୀ ଓ ପୋଲ ନିର୍ମାଣ କାର୍ଯ୍ୟ ଏବଂ ଡୁଙ୍ଗୁରା ପଞ୍ଚାୟତ ଅନ୍ତର୍ଗତ କହ୍ନେଇ ନାଳର ଉନ୍ନତିକରଣ କାର୍ଯ୍ୟ ପାଇଁ ଭୁମିପୁଜା କରିଥିଲେ । ସରପଞ୍ଚ ରାଜେନ୍ଦ୍ର ଦାସ ଓ ପ୍ରକାଶ ଲେଙ୍କା ଉପସ୍ଥିତ ଥିଲେ । ପରେ ମହତୀପୁର ପଞ୍ଚାୟତର ଫଗୁଣା ଗୋପାଳବେଡା ୨ଗ୍ରାମକୁ ସଂଯୋଗ ପାଇଁ ବିଜୁସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ପୋଲ ଓ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଉକ୍ତ ସେତୁ ୨ଗ୍ରାମବାସୀ ମଧ୍ୟରେ ସମ୍ପର୍କର ସେତୁ ପାଲଟିବ ବୋଲି କହିଥିଲେ । ଗ୍ରାମ୍ୟଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ମନୋଜ ସେଣ୍ଠ,କାର୍ଯ୍ୟଗ୍ରାହୀ ରାମଚନ୍ଦ୍ର ମହାକୁଡ,ସରପଞ୍ଚ ଆରତୀ ମହାନ୍ତି,ସମିତିସଭ୍ୟା ଭାନୁପ୍ରିୟା ସାହୁ,ଜିଲାପରିଷଦ ସଭ୍ୟ ରଶ୍ମିତା ମହାପାତ୍ର, ରମାକାନ୍ତ ଗିରି, ରାମଚନ୍ଦ୍ର ବିଶ୍ୱାଳ,ରମାକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜଳଦା ପଞ୍ଚାୟତର ଜଳଦା ଶାସନ ରାସ୍ତା ର ବନ୍ଧେଇଶୁଣି ନାଳ ଉପରେ ୩କୋଟି୮୦ଲକ୍ଷ ବ୍ୟୟରେ ଅନୁମୋଦିତ ବିଜୁସେତୁର ଫଳକ ପୋତିଥିଲେ ।

# ନୀଳଗିରି ବନବିଭାଗ ତରଫରୁ ବନାଗ୍ନି ସଚେତନତା ରଥର ଶୁଭାରମ୍ଭ



ନୀଳଗିରି, ୨୦/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଫିସଠାରୁ ସୋମବାର ବନାଗ୍ନି ନିରାକରଣ ନେଇ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରିବାକୁ ସଚେତନ ରଥର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ନୀଳଗିରି ବନଖଣ୍ଡ କାର୍ଯ୍ୟାଳୟରୁ ଆରମ୍ଭ ହେଲା ବାନାଗ୍ନି ସଚେତନତା ରଥ। ଏହି ରଥ ନୀଳଗିରି ବନଖଣ୍ଡ ଅଞ୍ଚଳକୁ ଯାଇ ଜଙ୍ଗଲ ପାର୍ଶବର୍ତ୍ତୀ ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନ କରିବା ସହିତ ଜଙ୍ଗଲ ନିଆଁର ପ୍ରଭାବ ଏବଂ ଜଙ୍ଗଲ ନିଆଁ ନ ଲାଗିବାର ପ୍ରଭାବ ଉପରେ ସଚେତନ କରାଇବା ପାଇଁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ପ୍ରସାର କରାଯିବ। ଏହି ଅବସରରେ ନୀଳଗିରି ବନଖଣ୍ଡ ଅଧିକାରିଣୀ ଆଇଶା ଏ ନିଶା ବାନାଗ୍ନି ସଚେତନତା ରଥ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପରେଷ୍ଟର, ପରେଷ୍ଟଗାର୍ଡ ଓ ସବୁଜ ବାହିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି

ବାଲିଆପାଳ, ୨୦/୨ (ନି.ପ୍ର): ବିଭିନ୍ନ ଦାବି ପୂରଣ ନେଇ ବାଲିଆପାଳ ତହସିଲ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସୋମ ବାର ଠୁ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରୀ ରଖଛନ୍ତି। ଦାବି ଗୁଡ଼ିକ ହେଇଛି, କର୍ମଚାରୀଙ୍କ କ୍ୟାଡ଼ର ପୁନର୍ଗଠନ, ପଦୋନ୍ନତି, ଦରମା ବୃଦ୍ଧି, ରାଜସ୍ୱ ସୁପର ଭାଇଜର ପଦରୁ ଅତିରିକ୍ତ ତହସିଲଦାର ପଦ କୁ ପଦୋନ୍ନତି ଓ ଆର୍ ଆଇ ସେକ୍ସନ ରେ ପିଅନ ନିଯୁକ୍ତି କରିବା।ବାଲିଆପାଳ ସଂଘ ର ସଭାପତି ଜଗନ୍ନାଥ ପାତ୍ର, ସମ୍ପାଦକ କାଳି ଚରଣ ମାଝୀ, ନଟ ରଞ୍ଜନ ଦତ୍ତ , ସାଧାରଣ ସମ୍ପାଦକ ଲକ୍ଷ୍ମଣ ମୁର୍ମୁ, ଅଜିତ କୁମାର ହେମ୍ରମ, ଇନ୍ଦ୍ରଜିତ ସିଂ, ଶୁଭସ୍ମିତା ସାହୁ, ବିଜୟ ଦାସ, ସରୋଜିନୀ ଟୁଡୁ ସୁରେଶ ଚନ୍ଦ୍ର ସିଂ ପ୍ରମୁଖ ଆନ୍ଦୋଳନ ରେ ବସିଛନ୍ତି।

# ଜାତୀୟସ୍ତର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପାଇଁ ମନୋନୀତ ନୀତେଶଙ୍କୁ ମୟୂରଭଞ୍ଜ ଜିମ୍ନାସିୟମ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ



ବାରିପଦା, ୨୦/୨ (ନି.ପ୍ର): ଚଳିତ ଫେବୃଆରୀ ମାସ ୧୭ ଏବଂ ୧୮ ତାରିଖ ଗଞ୍ଜାମ ଜିଲା ବରମପୁର ଠାରେ ଅନୁଷ୍ଠିତ ହୋଇଥିବା ୨୦ ତମ ରାଜ୍ୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରେ ମୟୁରଭଞ୍ଜ ଜମ୍ନାସିୟମର ସଦସ୍ୟ ନୀତେଶ ବାରିକ ମୟୁରଭଞ୍ଜ ଜିଲା ତରଫରୁ ପ୍ରତିନିଧିତ୍ୱ କରି ଦ୍ୱିତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଆସନ୍ତା ମାର୍ଚ୍ଚ ମାସ ୧୬ ଏବଂ ୧୭ ତାରିଖ ପଞ୍ଜାବ ରାଜ୍ୟ ର ଲୁଧିଆନା ଠାରେ ଅନୁଷ୍ଠିତ ହେବାକୁଥିବା ୧୫ ତମ ସିନିଅର ଜାତୀୟସ୍ତର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବାପାଇଁ ଓଡିଶା ରାଜ୍ୟ ବଡିବିଲ୍ଡିଙ୍ଗ ଏସୋସିଏସନ ତରଫରୁ ମନୋନୀତ ହୋଇଛନ୍ତି । ନୀତେଶଙ୍କ ଏହି ସଫଳତାକୁ ନେଇ କ୍ରୀଡା ପ୍ରେମୀ ମାନଙ୍କ ମଧରେ ଖୁସିର ବାତାବରଣ ଦେଖାଦେଇଅଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ମୟୁରଭଞ୍ଜ ଜିମ୍ନାସିୟମ ପରିସରରେ ମୟୁରଭଞ୍ଜ ଜିଲା ବଡିବିଲ୍ଡିଙ୍ଗ ଏସୋସିଏସନ ର ସଭାପତି ନବ କୁମାର ସାହୁ, ସଂପାଦକ ରବୀନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସଂପାଦକ ସୁମିତ କୁମାର ସାହୁ, ସହ ସଂପାଦକ ରାଜେନ୍ଦ୍ର କୁମାର ପରିଡା, ଦେବୀ ସିଂ, ପ୍ରଭାତୀ ସିଂ,ମାମୁନି ପଲେଇ, ପ୍ରବୀର ପୃଷ୍ଟି, ତରୁଣ ଦେ, ଅମିତ ଆଢ଼ିଅ, ସତ୍ୟବ୍ରତ ବେହେରା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସଦସ୍ୟବୃନ୍ଦ ନୀତେଶ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି ।

# ତହସିଲ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରୀ

ବାଲିଆପାଳ, ୨୦/୨ (ନି.ପ୍ର): ବିଭିନ୍ନ ଦାବି ପୂରଣ ନେଇ ବାଲିଆପାଳ ତହସିଲ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସୋମ ବାରଠୁ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରୀ ରଖଛନ୍ତି। ଦାବି ଗୁଡ଼ିକ ହେଇଛି, କର୍ମଚାରୀଙ୍କ କ୍ୟାଡ଼ର ପୁନର୍ଗଠନ, ପଦୋନ୍ନତି, ଦରମା ବୃଦ୍ଧି, ରାଜସ୍ୱ ସୁପର ଭାଇଜର ପଦରୁ ଅତିରିକ୍ତ ତହସିଲଦାର ପଦ କୁ ପଦୋନ୍ନତି ଓ ଆର୍ ଆଇ ସେକ୍ସନରେ ପିଅନ ନିଯୁକ୍ତି କରିବା। ବାଲିଆପାଳ ସଂଘ ର ସଭାପତି ଜଗନ୍ନାଥ ପାତ୍ର, ସମ୍ପାଦକ କାଳି ଚରଣ ମାଝୀ, ନଟ ରଞ୍ଜନ ଦତ୍ତ , ସାଧାରଣ ସମ୍ପାଦକ ଲକ୍ଷ୍ମଣ ମୁର୍ମୁ, ଅଜିତ କୁମାର ହେମ୍ରମ, ଇନ୍ଦ୍ରଜିତ ସିଂ, ଶୁଭସ୍ମିତା ସାହୁ, ବିଜୟ ଦାସ, ସରୋଜିନୀ ଟୁଡୁ ସୁରେଶ ଚନ୍ଦ୍ର ସିଂ ପ୍ରମୁଖ ଆନ୍ଦୋଳନ ରେ ବସିଛନ୍ତି। ତେବେ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ର କର୍ମକର୍ତ୍ତା ମାନେ କହିଛନ୍ତି।

# ଛତ୍ରପତି ଶିବାଜୀଙ୍କ ଜନ୍ମଜୟନ୍ତୀ ପାଳିତ



ବେତନଟୀ, ୨୦/୨ (ନି.ପ୍ର): ବେତନଟୀର କଙ୍କାକାଳିଆ ଛକରେ ଥିବା ଦମୟନ୍ତୀ ବିବାହ ମଣ୍ଡପ ପରିସରରେ ଶିବାଜୀ କ୍ଲବ ତରଫରୁ ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନ୍ମଜୟନ୍ତୀ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ଅଞ୍ଜନା ବେହେରା ଓ ମୁଖ୍ୟ ବକ୍ତା ଭାବରେ ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି ଯୋଗଦାନ କରି ଜନ୍ମ ଜୟନ୍ତୀ ପାଳନ ଉତ୍ସବକୁ ଉଦଘାଟନ କରିଥିଲେ ଓ ଛତ୍ରପତି ଶିବାଜୀ ମହାରାଜଙ୍କର ବୀରତ୍ୱର କାହାଣୀ ବିଷୟରେ ବର୍ଣ୍ଣନା କରିଥିଲେ । ବେତନଟୀ ବ୍ଲକ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ତଥା ଶିବାଜୀ କ୍ଲବର ଉପସଭାପତି ସର୍ବେଶ୍ୱର ମହାନ୍ତ, ଶିବାଜୀ କ୍ଲବର କୋଷାଧକ୍ଷ ଉପେନ୍ଦ୍ରନାଥ ମହାନ୍ତ, ସଦସ୍ୟ ଗଙ୍ଗାଧର ମହାନ୍ତ, ଜଗମୋହନ ମହାନ୍ତ, ସୁନ୍ଦରମୋହନ ମହାନ୍ତ, ଗୌରମୋହନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପଦ୍ମମାଳୀ ମହିଳା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, କୋଷାଧକ୍ଷା ବିନୋଦିନୀ ମହାନ୍ତ, ସଦସ୍ୟା ଅନିନ୍ଦିତା ସାହୁ, ମିନତୀ ସାହୁ ଓ କୁମୁଦିନୀ ମହାନ୍ତ ପ୍ରମୁଖ ଛତ୍ରପତି ଶିବାଜୀ ମହାରାଜଙ୍କ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ତଥା ଶିବାଜୀ କ୍ଲବର ସମ୍ପାଦକ ଗତିକୃଷ୍ଣ ମହାନ୍ତ ଜନ୍ମଜୟନ୍ତୀ ପାଳନରେ ଯୋଗଦାନ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୂପ୍‌ସା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର କାୟା କଳ୍ପ ତଦାରଖ କଲେ ରାଜ୍ୟସ୍ତରୀୟ ଦଳ



ବସ୍ତା, ୨୦/୨ (ନି.ପ୍ର): ସଦର ବ୍ଲକ୍ ଅଧିନସ୍ଥ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟସ୍ତରୀୟ ଦଳ ମଙ୍ଗଳବାର ପରିଦର୍ଶନରେ ଆସି ଡ଼ାକ୍ତରଖାନାର କାୟାକଳ୍ପ କାର୍ଯ୍ୟର ତଦାରଖ,ଓ ବ୍ୟବହୃତ ଯନ୍ତ୍ରାଂଶକୁ ଯାଞ୍ଚ,ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସହ ଡ଼ାକ୍ତରଖାନାର ଚତୁର୍ପାର୍ଶ୍ୱକୁ ବୁଲି ଦେଖିବା ସହିତ ସମସ୍ତ ୱାର୍ଡ଼ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ନିରୀକ୍ଷକ ଡ଼. ବିନୟ କୁମାର ଦାସମହାପାତ୍ର, ଡ଼. ଅସିତ୍ କୁମାର ପ୍ରଧାନ,ଡ଼. ଶୁଭାଶିଷ ମହାନ୍ତି,ଡ଼.ଦୁର୍ଗାମାଧବ ଦେ, (ଆର୍ ବି ଏସ କେ), ବିପିଏମ ସତ୍ୟ ସୁନ୍ଦର୍ ଗୋସ୍ୱାମୀ, ପିଏଚଇଓ ପ୍ରଦୀପ କୁମାର ସାହୁ,ବିଏଏମ୍ ହରିଶ୍ ଚନ୍ଦ୍ର ପରିଡା,ବିଡ଼ିଏମ୍ ଅର୍ଚ୍ଚନା ଦତ୍ତ,ଏମପିଏଚଏସ ଶୁଶାନ୍ତ କୁମାର ମାଝୀ,ଏମପିଏଚ ରଞ୍ଜିତା ବିଶ୍ୱାଳ, ପ୍ରଦୀପ୍ତ ସିଂ, ଇନ୍ତାଜ ଖାଁ,ଦିଲ୍ଲୀପ ସିଂ,ଅରୁଣ କୁମାର ନାୟକ, ମନୋଜ କୁମାର ଜେନା,ପ୍ରତିଭା ଗିରି ପ୍ରମୁଖ ଉପସ୍ଥିତ ରହି ରାଜ୍ୟସ୍ତରୀୟ ଦଳଙ୍କୁ ପରିଦର୍ଶନରେ ସହଯୋଗ କରିଥିଲେ।

# ଆଫଗାନିସ୍ଥାନରେ ହିମସ୍ଖଳନ ଯୋଗୁ ବ୍ୟାପକ କ୍ଷୟକ୍ଷତି, ୨୫ ମୃତ

ନୂଆଦିଲ୍ଲୀ, ୨୦/୨ : ଆଫଗାନିସ୍ତାନର ପୂର୍ବ ପ୍ରାନ୍ତ ନୁରିସ୍ତାନରେ ସୋମବାର ହିମସ୍ଖଳନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏଥିରେ ପ୍ରାୟ ୨୫ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୮ଜଣ ଆହତ ହୋଇଛନ୍ତି । ନୁରିସ୍ତାନର ତାତିନ ଘାଟିର ନାକରେ ଗାଁରେ ରାତିସାରା ହିମସ୍ଖଳନ ଯୋଗୁ ଘରଗୁଡିକ ବରଫ ଓ ପଥର ତଳେ ଦବି ଯାଇଛି । ଆଫଗାନିସ୍ତାନ ଟାଇମ୍ସ ଓ ଟୋଲୋ ନ୍ୟୁଜ ମୁତାବକ, ସୂଚନା ଓ ସଂସ୍କୃତି ପ୍ରାନ୍ତୀୟ ପ୍ରମୁଖ ଜମିଉଲ୍ଲାହ ହାସିମି କହିଛନ୍ତି ଏବେ ବି ବରଫପାତ ଜାରି ରହିଛି।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମହିଳା ଦୁଃଖୀ ଓ ସାକର

ଉଦଳା , ୨୦/୨ (ନି.ପ୍ର): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ହାତିମଣ୍ଡା ଗ୍ରାମର ବାସିନ୍ଦା ୰ ସାଗ୍ରାମ ହାଁସଦାଙ୍କ ସହଧର୍ମିଣୀ ଦୁଃଖି ଓ ୰ ଶ୍ୟାମସୁନ୍ଦର ହେମ୍ବ୍ରମଙ୍କ ସହଧର୍ମିଣୀ ସାକର ଆଜକୁ ଗୋଟିଏ ବର୍ଷ ହେବ ବିଧବା ଜୀବନ ବିତାଉଛନ୍ତି । ବିଧବା ମହିଳା ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ଏ ପର୍ଯ୍ୟନ୍ତ ଦୁଃଖି ଓ ସାକର ପାଇପାରି ନାହାଁନ୍ତି । ଏ ବାବଦରେ ଗ୍ରାମପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ବାରମ୍ବାର ଦ୍ୱାରସ୍ଥ ହେଲେ ମଧ କୌଣସି ସୁଫଳ ମିଳୁନଥିବାର ସେମାନେ ଜଣାଇଛନ୍ତି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo